# ବାଲେଶ୍ୱର ସହର ଗେରୁଆମୟ

## ଶ୍ରୀରାମ ନବମୀରେ ବିଶାଳ ପଦଯାତ୍ରା

### ଯୋଗଦେଲେ ୫୦ହଜାର ଶ୍ରଦ୍ଧାଳୁ

**ବାଲେଶ୍ୱର, ୨୭।୩(ବାଞ୍ଛାନିଧି ଦେ)**

ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ବାଲେଶ୍ୱରରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଦିନ ଶୁକ୍ରବାର ପାଳିତ ହୋଇଯାଇଛି। ଜୟ ଶ୍ରୀରାମ ଓ ଜୟ ବଜରଙ୍ଗ ବଳି ଧ୍ୱନିରେ କମ୍ପି ଉଠିଥିଲା ସାରା ସହର। ଶଙ୍ଖ ଧ୍ୱନି, ମୃଦଙ୍ଗ, ଢୋଲ ସାଙ୍ଗକୁ ବିଭିନ୍ନ ପାରମ୍ପରିକ ବାଦ୍ୟରେ ପ୍ରକମ୍ପିତ ହେଉଥିଲା ସହରର ରାସ୍ତାଘାଟ। ଗେରୁଆମୟରେ ପରିଣତ ହୋଇଥିଲା ବାଲେଶ୍ୱର ସହର।

ସ୍ଥାନୀୟ ପରିମିଟ୍ ପଡ଼ିଆରୁ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପୂଜାପାଠ ଓ ସାମୂହିକ ହନୁମାନ ଚାଳିଶା ପାଠ ପରେ ଆରମ୍ଭ ହୋଇଥିବା ବିଶାଳ ଶୋଭାଯାତ୍ରା। ଏହି ଶୋଭାଯାତ୍ରା ସହରର ପାଣିଟାଙ୍କି, ଏଡିଏମ୍ ଛକ, ଷ୍ଟେଶନ ଛକ, ଫକୀରମୋହନ ଗୋଲେଇ, ଫାଣ୍ଡି ଛକ, ଚିଡ଼ିଆ ପୋଲ, ଗୋପାଳଗାଁ, ସୁଏଲପୁର, ମଣ୍ଡଳବଜାର, ବାରବାଟୀ, ଦାମୋଦରପୁର, ଗୋଳାପୋଖରୀ ଛକ, ଟାଉନ ଥାନା, ସିନେମା ଛକ ପରିକ୍ରମା କରି ପରମିଟ୍ ପଡ଼ିଆରେ



ଶୋଭାଯାତ୍ରାରେ ସାମିଲ ଭାଜପା ନେତୃବୃନ୍ଦ।

ପହଞ୍ଚିଥିଲା। ବାଲେଶ୍ୱର ସହର ଏବଂ ଆଖପାଖ ଅଞ୍ଚଳରୁ ୫୦ହଜାର ଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ପାରମ୍ପରିକ ବାଦ୍ୟଦଳ ଏବଂ କୀର୍ତ୍ତନ ଦଳ ସହ ଶ୍ରୀରାମ ଦରବାର ଝାଙ୍କି, ଅଘୋରି ଏଥିରେ ସାମିଲ ଥିଲେ। ଚଳିତବର୍ଷ ରାମନବମୀ ପାଳନ ପାଇଁ ଶ୍ରୀରାମ ଚେତନା ଜାଗରଣ ସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ସହରକୁ ଗେରୁଆ ରଙ୍ଗର ପତାକାରେ ସଜାଯାଇଥିଲା। ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା, ପୌରାଧ୍ୟକ୍ଷା ସବିତା ସାହୁ, ଯୁବନେତା ବିକ୍ରମ ପଣ୍ଡା, ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନଙ୍କ ସମେତ ବହୁ ରାଜନେତା ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଜିଲା ପୋଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ କରାଯିବା ସହ ୨୦ ପ୍ଲାଟୁନରୁ ଊର୍ଦ୍ଧ୍ୱ ଫୋର୍ସ ମୁତୟନ କରାଯାଇଥିଲା। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଏସ୍‌ପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ। ସେହିପରି ସହରର ପ୍ରମୁଖ ସ୍ଥାନରେ ପୋଲିସ ପକ୍ଷରୁ ଡ୍ରୋନ୍ ଏବଂ କ୍ଲୋଜ ସର୍କିଟ୍ କ୍ୟାମେରା ଲଗାଯାଇ ପଦଯାତ୍ରାର ଗତିବିଧି ଉପରେ ନଜର ରଖିଥିଲା। ପଦଯାତ୍ରାକାରୀଙ୍କ ପାଇଁ ସହରର ଛକରେ ବିଭିନ୍ନ ସଂଗଠନ ତରଫରୁ ଖାଦ୍ୟ, ଥଣ୍ଡା ପାନୀୟ ବଣ୍ଟନ ଏବଂ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା।

# ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

ଜଳେଶ୍ୱର, ୨୭।୩(ନବୀନ ସାହୁ): ଏକ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ଅକାଳ ବିୟୋଗ ଘଟିଛି। ମୃତକ ହେଲେ ଶିଖରପୁର ଗ୍ରାମର ପ୍ରାଣକୃଷ୍ଣ ଗିରି (୩୫)। ଗୁରୁବାର ରାତି ପ୍ରାୟ ୧୦ଟା ବେଳେ ନାଣ୍ଡି ପୋଖରୀ ଛକ ପାଖରେ ପ୍ରାଣକୃଷ୍ଣ ନିଜ ବାଇକ ଯୋଗେ ଚମାର ଗାଁ ପଟୁ ଘରକୁ ଫେରୁଥିଲେ। ଏହି ସମୟରେ ରାଜନଗରପଟୁ ଦ୍ରୁତଗତିରେ ଆସୁଥିବା ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ତାଙ୍କୁ ସାମ୍ନାପଟୁ ଧକ୍କା ଦେଇଥିଲା। ଟ୍ରାକ୍ଟର ଘୋଲାଇ ଛକ ନିକଟସ୍ଥ ଏକ ବାଲି ଷ୍ଟକ୍ ପଏଣ୍ଟକୁ ଯାଉଥିଲା। ଟ୍ରାକ୍ଟର ଚାଳକଙ୍କୁ ସ୍ଥାନୀୟ ଲୋକେ ଅଟକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରାଣକୃଷ୍ଣ ଛଟପଟ ହେଉଥିବା ବେଳେ ଜଳେଶ୍ୱର ପୌର ନିର୍ବାହୀଅଧିକାରୀ ହେମନ୍ତ କୁମାର ସିଂ ନିଜ କାର୍ଯ୍ୟ ସାରି ଫେରୁଥିବା ବେଳେ ଏହା ଦେଖିଥିଲେ। ସେ ନିଜ ଗାଡ଼ିରେ ପ୍ରାଣକୃଷ୍ଣଙ୍କୁ ଜିକେ ଭଞ୍ଜର ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଣକୃଷ୍ଣଙ୍କ ମୃତ୍ୟୁରେ ତାଙ୍କର ୧୪ ବର୍ଷର ଝିଅ ଓ ସ୍ତ୍ରୀ ଭାଙ୍ଗିପଡିଛନ୍ତି। ଜଳେଶ୍ୱର ପୋଲିସ ଟ୍ରାକ୍ଟରକୁ ଅଟକ ରଖି ତଦନ୍ତ କରୁଛି।

# ଜଗନ୍ନାଥ ମନ୍ଦିରରୁ ବାହାରିଲା ଶୋଭାଯାତ୍ରା

**ନୀଳଗିରି, ୨୭।୩(ପ୍ରଶାନ୍ତ ବିଶ୍ୱାଳ)**

ରାମନବମୀ ଉପଲକ୍ଷେ ନୀଳଗିରି ଶ୍ରୀରାମ ସେନା ପକ୍ଷରୁ ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ବଜାର ପରିକ୍ରମା କରି ନୀଳଗିରି ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ଉତ୍ତରପ୍ରଦେଶରୁ ବାହୁବଳୀ ହନୁମାନ ଆଜିର ବିଶେଷ ଆକର୍ଷଣ ଥିବାବେଳେ ଏକ ରଥରେ ରାମ, ସୀତା ଓ ଲକ୍ଷ୍ମଣ ବେଶରେ ସୁସଜ୍ଜିତ ହୋଇ ଧନୁ ତୀର ଧରି ୩ଜଣ ବାଳିକା ରାମ ଲକ୍ଷ୍ମଣ ଓ ସୀତାଙ୍କ ଅଭିନୟ କରିଥିଲେ। ଏଥିସହିତ ରାମସେନା ଭାବେ ହନୁମାନ, ଜାମ୍ବବାନ, ବାନର ସେନା ଉପସ୍ଥିତ ଥିଲେ। ବାଲେଶ୍ୱର ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଔପଦା ବ୍ଲକ ୨ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ଉଷାରାଣୀ ରାଉଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟସାମିଲ ଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସିମୁଳିଆ, ଖଇରା, ସୁଣ୍ଡିରା



ସିମୁଳିଆ ପଞ୍ଚବଟୀ ରାମମନ୍ଦିର ପରିସରରେ ଆୟୋଜିତ ରାମକଥା ଆଲୋଚନାରେ ଉପସ୍ଥିତ ଆରଏସ୍ଏସ୍ ଓ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା।

**ଖଇରା, ୨୭।୩(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକ ପୁରପଲ୍ଲୀରେ ରାମନବମୀ ପାଳିତ ହୋଇଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବିଶ୍ୱହିନ୍ଦୁ ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ରାମରଥ କୋଚିଆକୋଇଲିରୁ ବାହାରି ନୟାଖଣ୍ଡି ସୁନ୍ଦରପୁର, ନୂଆଗାଁ, ତ୍ରିଶଳପୁର, ଗଡପୋଖରୀ ଦେଇ ସିମୁଳିଆସ୍ଥିତ ପଞ୍ଚବଟୀ ମନ୍ଦିରରେ ପହଞ୍ଚିଥିଲା। ରାସ୍ତାର ସଂଲଗ୍ନ ସମସ୍ତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଡା.ବ୍ରଜସୁନ୍ଦର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ରାମଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି ତଥା ଆରଏସ୍ଏସ୍ ଓ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ଯୋଗଦେଇ ଯୁଗପୁରୁଷୋତ୍ତମଙ୍କ କଥା ବଖାଣିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଯୁବନେତା ନୀଳମାଧବ ପଣ୍ଡାଙ୍କ ନେତୃତ୍ୱରେ ଏକ ବାଇକ ରାଲି ବାହାରିଥିଲା। ସେହି ବଜରଙ୍ଗ ଦଳ ପକ୍ଷରୁ ଖଇରା ହନୁମାନ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯିବା ପରେ ୨ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରସାଦବଣ୍ଟନ କରାଯାଇଥିଲା। ସୁଣ୍ଡିରାସ୍ଥିତ ହନୁମାନ ମନ୍ଦିର ପ୍ରତିଷ୍ଠାର ୧୮ତମ ବାର୍ଷିକୋତ୍ସବ ଉତ୍ସବରେ ରାମଭକ୍ତମାନଙ୍କ ଦ୍ୱାରା କଳସ ଅଣାଯାଇଥିଲା। ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମନବମୀ ପାଳିତ ହୋଇଥିଲା ବେଳେ ଶଙ୍କର୍ଷଣ ରାୟ, ଶିଶିର କୁମାର ନାୟକ ସହଯୋଗ କରିଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଏମ୍‌ପି

## ଓଡ଼ିଶାର ବିକାଶ ସମ୍ପର୍କରେ ଆଲୋଚନା

**ବାଲେଶ୍ୱର, ୨୭।୩(ବାଞ୍ଛାନିଧି ଦେ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶୁକ୍ରବାର ରାଷ୍ଟ୍ରପତି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶ ସମ୍ପର୍କରେ ସେ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି।

ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଆ ଅସ୍ମିତାର ସୁରକ୍ଷା, ଓଡ଼ିଶାର କଳା, ସାହିତ୍ୟ, ଶିଳ୍ପ ଓ ସଂସ୍କୃତିର ସଂରକ୍ଷଣ, ପ୍ରଚାର-ପ୍ରସାର, ସ୍ୱାଧୀନତା ଆନ୍ଦୋଳନ ଓ ଦୁର୍ଗତ ମାନବର ସେବା ଆଦି ବହୁବିଧ କ୍ଷେତ୍ରରେ ଓଡ଼ିଶାର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅସାଧାରଣ ଯୋଗଦାନ ରହିଛି। ଏହି ଦୁଇ ମହାପୁରୁଷଙ୍କୁ 'ଭାରତ ରତ୍ନ' ଉପାଧି ପ୍ରଦାନ ପାଇଁ ଏମ୍‌ପି ଷଡ଼ଙ୍ଗୀ ରାଷ୍ଟ୍ରପତିଙ୍କୁ ନିବେଦନ କରିଥିଲେ। ଏ ସମ୍ପର୍କରେ ବିଚାର ପୂର୍ବକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଷ୍ଟ୍ରପତି କହିଥିଲେ। ଏମ୍‌ପି ଷଡ଼ଙ୍ଗୀ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



ରାଷ୍ଟ୍ରପତିଙ୍କ ସହ ଏମ୍‌ପି ଆଲୋଚନା କରୁଛନ୍ତି।

# ଅପରାଧ ରୋକିବା ପାଇଁ ତୃଣମୂଳସ୍ତରରୁ ସଚେତନତା ଜରୁରୀ



କର୍ମଶାଳାରେ ମହିଳା କମିଶନ ଅଧକ୍ଷା ଓ ରିସୋର୍ସ ପର୍ସନ।

## ମହିଳା ଚାଲାଣ ପ୍ରତିରୋଧ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

**ବାଲେଶ୍ୱର, ୨୭।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ପ୍ରଶାସନ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ମିଳିତ ଆନୁକୂଲ୍ୟରେ ମହିଳା ଚାଲାଣ ପ୍ରତିରୋଧ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧକ୍ଷା ଶୋଭନା ମହାନ୍ତି ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ରିଶୋର୍ସ ପର୍ସନ ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ସମେତ ଜିଲା ଆଇନ ସେବା ପ୍ରାଧିକରଣ ଅଧିକାରୀ, ପୋଲିସ ଉପ ଅଧୀକ୍ଷକ(ମାନବ ଚାଲାଣ ବିରୋଧୀ ୟୁନିଟ୍) ଯୋଗଦେଇ 'ମହିଳା ଚାଲାଣ' ଶବ୍ଦ ଆମ ସମାଜର ମୂଲ୍ୟବୋଧ ଓ ମାନବିକତାକୁ କ୍ଷୁର୍ଣ୍ଣ କରିଥାଏ। ଏହାକୁ ରୋକିବା ପାଇଁ ସରକାର ଆଇନ ଦ୍ୱାରା ବ୍ୟାପକ ବ୍ୟବସ୍ଥା କରିଛନ୍ତି, ମାତ୍ର ଆଇନ୍ ବ୍ୟବସ୍ଥା ଉପରେ ନିର୍ଭର କଲେ ହେବ ନାହିଁ ବରଂ ମହିଳା ମାନଙ୍କର ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରାଇବାକୁ ତୃଣମୂଳ ସ୍ତରରେ ସମସ୍ତଙ୍କୁ ସଚେତନ କରାଇବା ଆବଶ୍ୟକ। ତେବେ ନିଶ୍ଚିତ ଭାବେ ଏହି ଅପରାଧକୁ ରୋକାଯାଇପାରିବ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। କର୍ମଶାଳାରେ ଜିଲାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପର୍ଯ୍ୟବେକ୍ଷକ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସରପଞ୍ଚ ଅଂଶଗ୍ରହଣ କରିଥିଲେ। ଜିଲା ପ୍ରକଳ୍ପ ସଂଯୋଜକ (ମମତା) ବାମଦେବ ପାଣିଗ୍ରାହୀ ମଞ୍ଚ ସଞ୍ଚାଳନ କରିଥିଲେ। ମହିଳା କମିଶନ ସଦସ୍ୟ ଅରବିନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ରାମନବମୀରେ ବାଇକ୍ ଶୋଭାଯାତ୍ରା

**ଗାନ୍ଧିଛକ, ୨୭।୩(ଦିଲୀପ ପଣ୍ଡା)**

ବସ୍ତା ଶ୍ରୀରାମ ସେବକ ସଂଘର ଆହ୍ୱାନରେ ଶୁକ୍ରବାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଯୁବକ ମଥାନୀ ବସ୍‌ଷ୍ଟାଣ୍ଡରୁ ବିଶାଳ ପଟୁଆରରେ ବାଇକ୍ ଶୋଭାଯାତ୍ରାରେ ଯୋଗଦେଇଥିଲେ। ପତ୍ରଝଡ଼ା ଗ୍ରାପର ବିଦ୍ୟାଧରପୁର ଗ୍ରାମର ମୁସଲମାନ ଭାଇ ଓ ଭଉଣୀମାନେ ଏହି ଶୋଭାଯାତ୍ରାକୁ ପୁଷ୍ପ ବୃଷ୍ଟି କରିବା ସହିତ ପାନୀୟଜଳ ଦେଇ ସମ୍ବର୍ଦ୍ଧନା କରିଥିଲେ। ଶ୍ରୀ ରାମ ସେବକ ସଂଘର ସଭାପତି ସୂର୍ଯ୍ୟନାରାୟଣ ସାହୁ, ରାଜେନ୍ ପରିଡ଼ା, ନିହାର ରଞ୍ଜନ ବେହେରା, ଦିଲୀପ ପଣ୍ଡା, ଗଗନ ପ୍ରଧାନ, ଅଭିରାମ ମଲ୍ଲିକ, ପ୍ରସନ୍ନ ପଣ୍ଡା, ଉମାକାନ୍ତ ବେଜ ଓ ଦିବାକର ରାଉତ ପରିଚାଳନା କରିଥିଲେ।

# ହନୁମାନ ମନ୍ଦିର ବାର୍ଷିକ ଉତ୍ସବରେ କଳସଯାତ୍ରା



ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ (ରାଜଶ୍ରୀ ପାଣିଗ୍ରାହୀ), ୨୭।୩: ବାଲିଆପାଳ ବ୍ଲକରେ ରାମନବମୀ ଅବସରରେ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବର ଶୁଭାରମ୍ଭ ହୋଇଛି। ୨ ଦିନ ଧରି ଯଜ୍ଞ ସମ୍ପନ୍ନ କରାଯିବ। ଶୁକ୍ରବାର ପ୍ରତ୍ୟୁଷରୁ ଗ୍ରାମର ଶତାଧିକ ମହିଳାମାନଙ୍କ ଦ୍ୱାରା ସୁବର୍ଣ୍ଣରେଖା ନଦୀରୁ ୨୦୮ କଳସ ଯାତ୍ରା କରାଯାଇଥିଲା। ମହିଳାମାନଙ୍କ ସହିତ କମିଟି କର୍ମକର୍ତ୍ତା ଏବଂ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ହନୁମାନ ମନ୍ଦିର ମୁଖ୍ୟପୂଜକ ବାବୁରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଧନଞ୍ଜୟ ପଣ୍ଡା, ଅଜିତ ପଣ୍ଡା, ମଣ୍ଟୁ ପଣ୍ଡା, ଝାଡ଼େଶ୍ୱର ରଥ, ପ୍ରଭାକର ପଣ୍ଡା, ଚନ୍ଦ୍ର ଶେଖର ଦାସ, ସୁଶାନ୍ତ ମିଶ୍ର ପ୍ରମୁଖ ପଣ୍ଡିତଙ୍କ ଦ୍ୱାରା ପୂଜାର ନୀତିକାନ୍ତି ଓ ଯଜ୍ଞ କାର୍ଯ୍ୟ ଚାଲିଛି। ବଜରଙ୍ଗ ବାଳି ମନ୍ଦିର ପରିଚାଳନା କମିଟିର ସଭାପତି ମୃତ୍ୟୁଞ୍ଜୟ ସାହୁ ପରିଚାଳନା କରୁଛନ୍ତି।

# 'ମିହିର ଥିଲେ ନିର୍ଭୀକ ଖବରଦାତା'

**ବାଲେଶ୍ୱର, ୨୭।୩**
**(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଜିଲା ସାମ୍ବାଦିକ ପ୍ରକୋଷ୍ଠରେ ବରିଷ୍ଠ ଖବରଦାତା ସ୍ୱର୍ଗତ ମିହିର ମହାପାତ୍ରଙ୍କ ଏକାଦଶାହ କ୍ରିୟା ଉପଲକ୍ଷେ ଶୁକ୍ରବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରେସ ଇଣ୍ଡେସ କ୍ଲବ୍ ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର ସଭାପତିତ୍ୱ କରି ସ୍ୱର୍ଗତ ମହାପାତ୍ରଙ୍କ ନୀତି ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ସଭାପତି ଦେବବ୍ରତ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ 'ସେଉଠୁ ଆରମ୍ଭ' ଖବରକାଗଜର ସମ୍ପାଦକ ଶୁଭେନ୍ଦୁ ଦାସ ଓ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ଯୋଗ ଦେଇ ମିହିର ମହାପାତ୍ରଙ୍କ ସହିତ ବିତିଥିବା ସମୟ ବିଷୟରେ କହିଥିଲେ। ସେ ଜଣେ ସୁଦକ୍ଷ ରାଜନେତା ଓ ନିର୍ଭୀକ ସାମ୍ବାଦିକ ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସୁରେନ୍ଦ୍ର ଜେନା, ସମ୍ବିଦ ବେହେରା, ବିଦ୍ୟାଧର ମହାନ୍ତି, ତପନ କୁମାର ଦାସ, ପ୍ରବୀର ବେରା, କମଳାକାନ୍ତ ନାୟକ, ଭଗବାନ ଦାସ, ଶରତ ଚନ୍ଦ୍ର ବାରିକ, ଶିବଶଙ୍କର ଭୋଇ, ସମ୍ପାଦକ ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ।

# ୧୧୨ ବର୍ଷରେ ବରିର ସାର୍ବଜନୀନ ବାସନ୍ତୀ ଦୁର୍ଗାପୂଜା



**ସିମୁଳିଆ, ୨୭।୩(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ବରି ପଞ୍ଚାୟତ ଦଦରାଆଡିରେ ଅନୁଷ୍ଠିତ ସାର୍ବଜନୀନ ବାସନ୍ତୀ ଦୁର୍ଗାପୂଜା ୧୧୨ବର୍ଷରେ ପାଳିତ ହେଉଛି। ଏହି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ କୁଣ୍ଡାଦିସ୍ଥାପନ, ବିଲ୍ୱାଧିବାସ, ବୁଧବାର ପ୍ରାତଃରେ ଘଟ ଉତ୍ତୋଳନ, ସପ୍ତମୀ ବିହିତ ପୂଜା, ହୋମ, ଆରତୀ, ଗୁରୁବାର ମହାଷ୍ଟମୀ ପୂଜା, ବ୍ରତ, ସନ୍ଧିପୂଜା, ବଳିଦାନ, ଶୁକ୍ରବାର ମହାନବମୀ ପୂଜା, ଶ୍ରୀରାମ ନବମୀ ବ୍ରତ, ଶ୍ରୀରାମ ହନୁମାନ ପୂଜା, ଶନିବାର ଦଶମୀ ବିହିତ ପୂଜା, ମାତୃ ବନ୍ଦାପନା, ଶ୍ରୀଅନ୍ନପୂର୍ଣ୍ଣା ଭିକ୍ଷାଚରଣ, ସମ୍ମିଳିତ ମାତୃବନ୍ଦନା, ଆସନ୍ତା ବର୍ଷ ପାଇଁ ଦେବୀ ନିମନ୍ତ୍ରଣ, ବିସର୍ଜନ, ଅପରାଜିତା ପୂଜା ଆଦି ଅନୁଷ୍ଠିତ ହେବ। ଏହି ଅବସରରେ ଶନିବାରରୁ ସ୍ଥାନୀୟ ଅଞ୍ଚଳରେ ଅପେରା ମଞ୍ଚସ୍ଥ କରିବ। ପୂଜା ମଣ୍ଡପରେ ମା' ବାସନ୍ତି ଦୁର୍ଗାଙ୍କ ସମେତ ପ୍ରଭୁ ଗଣେଶ ଓ କାର୍ତ୍ତିକ ପ୍ରତିମୂର୍ତ୍ତି ସ୍ଥାନ ପାଇଛି। ମୁଖ୍ୟ ପଣ୍ଡିତ ରୂପେ ଦୟାନିଧି ପତ୍ରୀଙ୍କ ସମେତ ଭାରତଭୂଷଣ ଦାଶ, ଲମ୍ବୋଦର ମିଶ୍ର, ନିଶାକର ପାଣିଗ୍ରାହୀ, ପିତାମ୍ବର ସାହୁ, ମୁରଲୀଧର ପାଢୀ, ଗୟାଧର ନାୟକ ପ୍ରମୁଖ ୧୨ଜଣ ପଣ୍ଡିତ ପୂଜା ଦାୟିତ୍ୱରେ ଅଛନ୍ତି। ସଭାପତି କମଳବରଣ ଲେଙ୍କା, ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ ସହଯୋଗ କରିଥିଲେ।

# ୩୦ରେ ରାସ୍ତାରୋକୋ କରିବ ଆଞ୍ଚଳିକ କୃଷକ ମଞ୍ଚ

ନୀଳଗିରି, ୨୭।୩(ପ୍ରଶାନ୍ତ ବିଶ୍ୱାଳ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ସଭାଗୃହରେ ଆଞ୍ଚଳିକ କୃଷକ ମଞ୍ଚର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବଉଳଗଡ଼ିଆ ରାସ୍ତାର ପୁନରୁଦ୍ଧାର ଏବଂ ଇକୋ ସେନ୍‌ସିଟିଭ ଜୋନ୍ ପ୍ରତ୍ୟାହାର ଦାବିରେ ଆସନ୍ତା ୩୦ ମାର୍ଚ୍ଚରେ ବାଉଁଶବଣିଆ ଛକରେ ରାସ୍ତାରୋକୋ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସକାଳ ୯ଟାଠାରୁ ଆରମ୍ଭ କରି ଅପରାହ୍ନ ୪ଟା ପର୍ଯ୍ୟନ୍ତ ନୀଳଗିରି ବଉଳଗଡିଆ ରାସ୍ତା ଅବରୋଧ ହେବା ନେଇ ନେତୃତ୍ୱମାନେ ସୂଚନା ଦେଇଛନ୍ତି। ମଞ୍ଚ ସଭାପତି ରାମଚନ୍ଦ୍ର ବେହେରାଙ୍କ ଉପଦେଶକ୍ରମେ ଉପସଭାପତି ଉମାକାନ୍ତ ମଲ୍ଲିକ, ସମ୍ପାଦକ ନିହାର ରଞ୍ଜନ ଜେନା, ଉପଦେଷ୍ଟା ନିରଞ୍ଜନ ବାରିକ, ଗୌରାଙ୍ଗ ପ୍ରସାଦ ପଟ୍ଟନାୟକ, ଯୋଗେଶ୍ୱର ବେହେରା, ରବିନାରାୟଣ ଜେନା, ବିଜୟ କୁମାର ପ୍ରମୁଖ ନେତୃତ୍ୱମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୁନରୁଦ୍ଧାର ହେଲା ବାସନ୍ତୀ ମଣ୍ଡପ

**ବାଲିଆପାଳ, ୨୭।୩(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଅସ୍ତି ପଞ୍ଚାୟତ ପାରଦୀପାଠାରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ପୁରାତନ ବାସନ୍ତୀ ମଣ୍ଡପର ପୁନରୁଦ୍ଧାର ପାଇଁ ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକା ତାଙ୍କ ହାତପାଣ୍ଠିରୁ ୨ଲକ୍ଷ ୯୦ହଜାର ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ଉକ୍ତ ମଣ୍ଡପକୁ ନବୀକରଣ କରାଯାଇଛି। ଗୁରୁବାର ଅଷ୍ଟମୀ ପୂଜାରେ ଏହାର ଶୁଭ ଉଦ୍‌ଘାଟନ କରାଯାଇଛି। ଏହାବ୍ୟତୀତ ଖବରଦାତା ରାଧାକୃଷ୍ଣ ଜେନା ମହିଳାମାନଙ୍କ ସୁବିଧା ନିମନ୍ତେ ନାଟମଣ୍ଡପକୁ କଂକ୍ରିଟ କରିବା ପାଇଁ ସରପଞ୍ଚଙ୍କୁ ପ୍ରସ୍ତାବ ଦେଇଥିଲେ। ସରପଞ୍ଚଙ୍କ ଚେଷ୍ଟାରେ ପଞ୍ଚାୟତ ତରଫରୁ ୧ଲକ୍ଷ ଟଙ୍କା ଅର୍ଥ ରାଶିରେ ମଧ ନାଟ ମଣ୍ଡପକୁ କଂକ୍ରିଟ କରାଯାଇଛି। ଉଦ୍‌ଘାଟନ ସମୟରେ ପୂର୍ବତନ ସରପଞ୍ଚ ଶରତ ପ୍ରଧାନ, ସନ୍ନ୍ୟାସୀ ପ୍ରଧାନ, ଦେବେନ୍ଦ୍ର ଗିରି, ହରେନ୍ଦ୍ର ଗିରି, ପ୍ରସାନ୍ତ ପ୍ରଧାନ, କିଶୋର ପାତ୍ର, ମାନସ ଦାସ, ରାଜୀବ ଜେନା ଓ ବୈକୁଣ୍ଠ ଜେନ ପ୍ରମୁଖ ଉପସ୍ଥିତ ଥିଲେ।



ମଣ୍ଡପର ଶୁଭାରମ୍ଭ କରାଯାଇଛି।

# ସମସ୍ତ ଧାନ ବିକ୍ରି ପଞ୍ଜୀକରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ କଂଗ୍ରେସ

**ଭୋଗରାଇ, ୨୭।୩(ପ୍ରଦୀପ ଦାସ)**



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

ଆନ୍ଦୋଳନ ଚାପରେ ରବିଧାନ ପଞ୍ଜୀକରଣ ଅବଧି ୨୫ରୁ ୩୧ତାରିଖ ପର୍ଯ୍ୟନ୍ତ ସମୟସୀମା ସରକାର ଧାର୍ଯ୍ୟ କରିଛନ୍ତି ବୋଲି ବାଲେଶ୍ୱର ଜିଲା ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ବହୁ ଚାଷୀ ସ୍ୱଳ୍ପ ସମୟ ମଧ୍ୟରେ ରବିଧାନ ବିକ୍ରୟ ଲାଗି ୧୯ ସେବା ସମବାୟ ସମିତିରେ ୨୬ଶହରୁ ଊର୍ଦ୍ଧ୍ୱ ଚାଷୀ ୨୦ହଜାର କୁଇଣ୍ଟାଲ ଧାନ ଅଦ୍ୟାବଧି ବିଭିନ୍ନ ସେବା ସମବାୟ ସମିତି ଗୋଦାମଘର ନ ଥାଇ ଖୋଲା ଆକାଶ ତଳେ ଖରାବର୍ଷାରେ ମଣ୍ଡିରେ ପକାଇ ରଖିଛନ୍ତି। ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ କାରଣରୁ ଚାଷୀ ପଞ୍ଜିକରଣ କରି ନ ପାରି କ୍ଷୁବ୍ଧ ହୋଇଛନ୍ତି। ବିଭିନ୍ନ ସମୟରେ କମ୍ପ୍ୟୁଟର ଲିଙ୍କ୍ ଫେଲ୍, ଚାଷୀଙ୍କ ଲିଗାଲ ହାୟର ବାଧକ ଓ ମିଲମାଲିକଙ୍କ ମନମାନୀ ଯୋଗୁ ବହୁଚାଷୀ ନିଜ ଉତ୍ପାଦିତ ଶସ୍ୟକୁ ଉଚିତ ମୂଲ୍ୟରେ ବିକ୍ରି ଲାଗି ସମୟ ସୀମା ମଧ୍ୟରେ ପଞ୍ଜୀକରଣ କରିପାରି ନ ଥିବାରୁ ଚାଷୀଙ୍କ ପୁଞ୍ଜିଭୂତ ଅସନ୍ତୋଷ କୁହୁଳିବାରେ ଲାଗିଛି। ରାଜ୍ୟ ସରକାର ଘୋଷିତ ଧାନ ପଞ୍ଜିକରଣ ଲାଗି ପୁଣି ସମୟସୀମା ୩୧ତାରିଖ ପର୍ଯ୍ୟନ୍ତ ଘୋଷଣା କରିଥିବା ବେଳେ ସମସ୍ତ ଚାଷୀଙ୍କଠାରୁ ଯୁଦ୍ଧକାଳୀନ ଭିତ୍ତିରେ ଧାନକ୍ରୟ ଓ ବିକ୍ରି ପଞ୍ଜିକରଣ ଅବଧି ବୃଦ୍ଧି ସହିତ ଧାନ ଗୋଦାମ ଘର ନିର୍ମାଣ ନ କଲେ ଭୋଗରାଇ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଗୁରୁବାର ଜଳେଶ୍ୱରପୁର କଂଗ୍ରେସ ଭବନରେ ସରକାରଙ୍କୁ ଚେତାବନୀ ଦେଇଥିଲେ । ଏକ ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଗୋପବନ୍ଧୁ ମହାପାତ୍ର, ସନ୍ତୋଷ କୁମାର ଜେନା, ମମତା ସାହୁ, ଶିଶିର ଦାସ ମହାପାତ୍ର, ସୁଦର୍ଶନ ଜେନା, ରାଜେନ୍ଦ୍ର ଦଳାଇ, ରାଜେନ୍ଦ୍ର ପଣ୍ଡା, ପ୍ରଦୀପ ମହାନ୍ତି, ପ୍ରଭୁଦୟାଲ ଜେନା, ଜୟଦେବ ଦାସ, କପିଳ ନାଥ ପ୍ରମୁଖ ସାମିଲ ଥିଲେ। ପରେ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାଷୀଙ୍କ ପକ୍ଷରୁ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଭୋଗରାଇ ତହସିଲଦାର ସୂର୍ଯ୍ୟକାନ୍ତ ନାୟକଙ୍କୁ ପ୍ରତିନିଧିଦଳ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ସାଳନ୍ଦୀ ନଦୀରେ ବୁଡ଼ି ବାଳିକା ମୃତ

ଠାକୁରମୁଣ୍ଡା,୨୭।୩ (ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବ୍ଲକ୍ ମହୁଲଡ଼ିହା ଥାନା ଅନ୍ତର୍ଗତ ସାତକୋଶିଆ ଗ୍ରାମପଞ୍ଚାୟତର ବାଲିଘାଟ ଗ୍ରାମ ନିକଟସ୍ଥ ସାଳନ୍ଦୀ ନଦୀରେ ବୁଡ଼ି ଶୁକ୍ରବାର ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ବାଳିକା ଜଣକ ହେଲେ ବାଲିଘାଟ ଗ୍ରାମର ବଗୁନ ଜାରିକାଙ୍କ ଆନିଶା(୮)। ସୂଚନା ଅନୁଯାୟୀ, ଅପରାହ୍ନ ୩ଟାରେ ଆନିଶା ତାଙ୍କର ୪/୫ ଜଣ ସାଙ୍ଗଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ମହୁଲଡ଼ିହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ରସାୟନ ବିଜ୍ଞାନ ବିଭାଗର ସେମିନାର

**ବାରିପଦା ଡିଗ୍ରୀ ମହାବିଦ୍ୟାଳୟ**

ବାରିପଦା,୨୭।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରସାୟନ ବିଜ୍ଞାନ ବିଭାଗର ଏକ ସେମିନାର ଆୟୋଜିତ ହୋଇଯାଇଛି । ବର୍ଜ୍ୟବସ୍ତୁ ନିୟନ୍ତ୍ରଣରେ ସବୁଜ ରସାୟନ ବିଜ୍ଞାନର ଭୂମିକା ଶୀର୍ଷକରେ ଆୟୋଜିତ ଏହି ଆଲୋଚନା ଚକ୍ରର ଉଦ୍ଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପ୍ରବୋଧ କୁମାର ଦେ ସଭାପତିତ୍ୱ କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ.ସରୋଜ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ରସାୟନ ବିଜ୍ଞାନର ଉପାଦେୟତା ଉପରେ ମତବ୍ୟକ୍ତ କରିଥିଲେ। ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ବିପ୍ଳବ ରଞ୍ଜନ ବିଧାଣି ଅତିଥି ପରିଚୟ ସହ ସେମିନାରର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଅଧ୍ୟାପକ ଭୁବନ କୁମାର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରୀକ୍ଷାଗାର ସହାୟକ ଦେବେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସରୋଜ କୁମାର ନାୟକ ରିସର୍ସ ପର୍ସନ ଭାବେ ନିଜ ନିବନ୍ଧ ଉପସ୍ଥାପନ କରିଥିଲେ।

### ବାସନ୍ତୀ ମଣ୍ଡପରେ ମହାନବମୀ ପୂଜା

ରାଇରଙ୍ଗପୁର,୨୭।୩(ମାନସ ମହାନ୍ତି)

ରାଇରଙ୍ଗପୁର ସହରାଞ୍ଚଳସ୍ଥିତ ବାସନ୍ତୀ ପୂଜା ମଣ୍ଡପରେ ଶୁକ୍ରବାର ମହାନବମୀ ଅବସରରେ ପୂଜାର୍ଚ୍ଚନା ଏବଂ ହୋମ କାର୍ଯ୍ୟ କରାଯାଇଥିଲା। ପୂଜା ମଣ୍ଡପରେ ସ୍ଥାନୀୟ ସହରାଞ୍ଚଳର ବିଭିନ୍ନ ବସ୍ତି ଅଞ୍ଚଳର ନବ କୁମାରୀମାନଙ୍କୁ ନବ କୁମାରୀ ବେଶରେ ପୂଜାର୍ଚ୍ଚନା ଏବଂ ବନ୍ଦାପନା କରାଯାଇଥିଲା। ବେଶଧାରୀ ନବ କୁମାରୀମାନଙ୍କ ପୂଜାର୍ଚ୍ଚନାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସନ୍ଧ୍ୟାରେ ମାଁ ବାସନ୍ତୀଙ୍କ ଆଳତୀ ଏବଂ ପୂଜା କାର୍ଯ୍ୟକ୍ରମରେ ସ୍ଥାନୀୟ ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ସମବେତ ହୋଇଥିଲେ। ଏହି ଅବସରରେ ଆୟୋଜକ ବାସନ୍ତୀ ପୂଜା କମିଟି କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ବାରିପଦା

ବାରିପଦା,୨୭।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶ୍ରୀରାମ ନବମୀରେ ବାରିପଦା ସହର ଉତ୍ସବ ମୁଖର ହୋଇପଡ଼ିଥିଲା। ସକାଳୁ ସହରର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସମଗ୍ର ସହର ଗେରୁଆ ପତାକାରେ ସୁସଜ୍ଜିତ ହୋଇଥିଲା। ଜିଲାସ୍ତରୀୟ ଶ୍ରୀରାମ ନବମୀ ପାଳନ ପାଇଁ ହିନ୍ଦୁ ସଙ୍ଗଠନଗୁଡ଼ିକୁ ଏକତ୍ରିତ କରି ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପୂର୍ବାହ୍ନରେ ବିଭିନ୍ନ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ଓ ହନୁମାନଙ୍କ ଚାଳିଶା ପାଠ କରାଯାଇଥିଲା। ଅପରାହ୍ନ ୫ଟାରେ ହଜାର ହଜାର ଶ୍ରୀରାମ ଭକ୍ତ ମଧୁବନ ସ୍ଥିତ ମା' ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଯୁବ ସାମାଜିକ କର୍ମୀ ନନ୍ଦିକେଶ ଶେଜପଡାଙ୍କ ନେତୃତ୍ୱରେ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର, ବାଣରୋଷଣୀ, ହନୁମାନ ବେଶରେ ସୁସଜ୍ଜିତ କଳାକାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି ଜିଲା ମହୋତ୍ସବ କମିଟି ପକ୍ଷରୁ ଏକ ଶୋଭାଯାତ୍ରା ମଧୁବନ ପଡ଼ିଆରୁ ବାହାରି ଛଉ ପଡ଼ିଆରେ ପହଞ୍ଚିଥିଲା।



ସହର ପରିକ୍ରମା କରୁଥିବା ଶୋଭାଯାତ୍ରା।

# 'ନାଟକ ମଣିଷର ସାମାଜିକ ଚଳଣିକୁ ପ୍ରଭାବିତ କରିଥାଏ'

## ବିଶ୍ୱ ନାଟ୍ୟ ଦିବସ

ବାରିପଦା,୨୭।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ନାଟକ ମଣିଷର ସାମାଜିକ ଚଳଣିକୁ ପ୍ରଭାବିତ କରିଥାଏ ବୋଲି ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ଉପ ଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଯୋଗଦେଇ ନାଟକ ସମାଜର ଦର୍ପଣ ଭାବେ କାର୍ଯ୍ୟ କରିଥାଏ ବୋଲି ମତପୋଷଣ କରିଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ଯୋଗଦେଇ ନାଟକର ଇତିହାସ ଉପରେ ଆଲୋକପାତ କରିଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସମ୍ପାଦକ ଅସିତ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ନାଟ୍ୟ ସଂଘର ମୟୂରଭଞ୍ଜ ଜିଲା ସଂଯୋଜକ ଜ୍ଞାନରଞ୍ଜନ ପଣ୍ଡା ପ୍ରଖ୍ୟାତ ନାଟ୍ୟକାର ଉଇଲେମ ଡାଫୋଙ୍କ ବିଶ୍ୱ ନାଟ୍ୟ ଦିବସ ସନ୍ଦେଶ-୨୦୨୬ ପାଠ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ 'ରବୀନ୍ଦ୍ର ସମ୍ମାନ'ରେ ସମ୍ମାନିତ ହୋଇଥିବା ବିଶିଷ୍ଟ ଅଭିନେତା, ନାଟ୍ୟକାର, ମଞ୍ଚ ଓ ସିନେ ନିର୍ଦ୍ଦେଶକ ତଥା ବାରିପଦା କଳାକାର ପରିବାରର ଉପଦେଷ୍ଟା ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପ ସଭାପତି ଡ.କୁମରମଣି ନାୟକ, ବରିଷ୍ଠ ସଦସ୍ୟ ଆଶିଷ କୁମାର ବସା ପ୍ରମୁଖ ନାଟକ ଦିବସ ଉପରେ ଆଲୋକପାତ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କଳାକାର ପରିବାରର ସଦସ୍ୟମାନେ।

### ଯୁବକଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୨୭।୩ (ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ଗ୍ରାମର ଜଣେ ଯୁବକଙ୍କର ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକ ହେଲେ ମଧୁସୂଦନ ସିଂ (୩୦)। ସେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଏ ନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୬) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

### ରାମ ନବମୀରେ ଉତ୍ସବମୁଖର ଚିତ୍ରଡ଼ା

ମୋରଡ଼ା,୨୭।୩ (ସ୍ମାରକ ମାଜୀ)

ରାମ ନବମୀ ଉପଲକ୍ଷେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା, ମୋରଡ଼ା ଉତ୍ସବ ମୁଖର ହୋଇପଡ଼ିଛି। ସକାଳ ୭ଟା ସମୟରେ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ଏକ ରାଲି ଚିତ୍ରଡ଼ା ବଜାର, ସପ୍ଲାଇ ଛକ, କଲେଜ ଛକ, ଶୀର୍ଷାପାଳ ଛକ ହୋଇ ବ୍ଲକ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ସେହିପରି ସପ୍ଲାଇ ଛକରେ ଥିବା ରାମ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଜାବନ୍ଧରୁ ଘଟୋତ୍ତୋଳନ ପରେ ପୂଜା ହୋଇଥିଲା। ପରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଅପରାହ୍ନ ୩ଟା ସମୟରେ ସପ୍ଲାଇ ଛକରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସେହିପରି ଚିତ୍ରଡ଼ା ବସ୍‌ଷ୍ଟାଣ୍ଡରେ ଥିବା ହନୁମାନ ମନ୍ଦିର ଏବଂ ମୋରଡ଼ା ମାଳିହତା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ସଭାପତି ସତ୍ୟବାନ ବେହେରା, ସମ୍ପାଦକ ଦୀପ୍ତିରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପୂଜା ପାଠ ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମାନସ ବେହେରା ସଂକଳ୍ପରେ ବସିଥିଲେ। କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା, ଶଙ୍କରା ବେହେରା, ସଂଗ୍ରାମ ରାଉତ, ମଧୁସୂଦନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ୪ଜଣଙ୍କୁ ଦିଆଯିବ 'ସେବକଶ୍ରୀ' ସମ୍ମାନ

## ୧ରେ ମାନବ ଧର୍ମ ସମ୍ମିଳନୀ

ବାରିପଦା,୨୭।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସଦ୍ଭାବନା ସମିତି ବାରିପଦା ପକ୍ଷରୁ ଆସନ୍ତା ଅପ୍ରେଲ ୧ତାରିଖ ଅପରାହ୍ନ ୫ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ୪୭ତମ ମାନବ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ଜିଲାପାଳ ହେମକାନ୍ତ ସୟ, ବିଶିଷ୍ଟ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ବୀରଭଦ୍ର ସିଂ, ମୁଖ୍ୟବକ୍ତା ଭାବେ ଆର୍ଯ୍ୟସମାଜର ଆଚାର୍ଯ୍ୟଦେବ ବିଜୟଜୀ ଯୋଗଦେବେ। ସଦ୍ଭାବନା ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ସଂଯୋଜନାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସମିତିର କାର୍ଯ୍ୟକାରୀ ସଭାପତି ନେତ୍ରାନନ୍ଦ ମଲ୍ଲିକ ପୌରହିତ୍ୟ କରିବେ। କାର୍ଯ୍ୟକ୍ରମ ଶେଷରେ ଜିଲାର ଶ୍ରେଷ୍ଠ ପୋଲିସ କନଷ୍ଟେବଲ ଭାବେ ପରମାନନ୍ଦ ମହାନ୍ତ, ଶ୍ରେଷ୍ଠ ଅଗ୍ନିକ ଭାବେ ପ୍ରଭାସ କୁମାର ଜେନା, ଶ୍ରେଷ୍ଠ ନର୍ସିଂ ଅଫିସର ଭାବେ ପିଆର୍‌ଏମ୍ ମେଡିକାଲର ଦେବାଶିଷ ବେହେରା ଓ ପୌରପରିଷଦର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ହରେନ୍ଦ୍ର ମୁଖିଙ୍କୁ ପରମ୍ପରା ଅନୁସାରେ 'ସେବକଶ୍ରୀ' ଉପାଧି ପ୍ରଦାନ କରାଯିବ। ଏହା ସହ ଜିଲାର ବିଭିନ୍ନ ଆଧ୍ୟାତ୍ମିକ ସଂଗଠନ ଯଥା- ବିବେକାନନ୍ଦ କେନ୍ଦ୍ର, ସତ୍ୟସାଇ ସେବା ସଙ୍ଗଠନ, ପ୍ରଜାପିତା ବ୍ରହ୍ମା କୁମାରୀ, ଅନୁକୁଳଚନ୍ଦ୍ର, ଗାୟତ୍ରୀ ପରିବାର, ଶିବାନନ୍ଦ, ଖାଲସା ପନ୍ଥ, ଇସ୍ଲାମ ଶାଖାକୁ ଅଭ୍ୟର୍ଥନା ଜଣାଯିବ।

# ରାମ ନବମୀରେ ବାଇକ୍ ଶୋଭାଯାତ୍ରା



ବାଇକ୍ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରୁଥିବା ଯୁବକମାନେ।

ଝାରପୋଖରିଆ,୨୭।୩ (ସୁଧୀର କୁମାର ମହାନ୍ତ)

ସାରସକଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାରପୋଖରିଆ ମଣ୍ଡଳ ସଭାପତି ରାଜେନ୍ଦ୍ର ନାଥ ବିନ୍ଧାଣିଙ୍କ ଆହ୍ୱାନ କ୍ରମେ ଶୀର୍ଷା ଗ୍ରାମର ଲକ୍ଷ୍ମୀକାନ୍ତ ବାରିକଙ୍କ ନେତୃତ୍ୱରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଭାଜପାର ସହସ୍ରାଧିକ ଯୁବଗୋଷ୍ଠୀ ଶୀର୍ଷା ହନୁମାନ ମନ୍ଦିର ନିକଟରୁ ଝଣ୍ଡା ଧରି ବାଇକ୍ ଯୋଗେ ଜୟ ଶ୍ରୀରାମ ଧ୍ୱନୀ ଦେଇ ଶୀର୍ଷା, ଝାରପୋଖରିଆ ଓ ରାଜାଲୋକା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ରାଜାଲୋକା ଶ୍ରୀରାମ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଅଞ୍ଚଳବାସୀ, ରାମ ଭକ୍ତଙ୍କ ସହିତ ଦଳୀୟ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାମମନ୍ଦିର ଟ୍ରଷ୍ଟି ପକ୍ଷରୁ ଥଣ୍ଡା ପାନୀୟ ଜଳ ଓ ପ୍ରସାଦ ପ୍ରଦାନ କରାଯାଇଥିଲା। ଶୀର୍ଷା ମେଡିକାଲ ଛକଠାରେ ଥିବା ହନୁମାନଙ୍କ ପୂଜାବିଧି ସମ୍ପନ୍ନ ପରେ ବଡ଼କଚିମ୍ବିଲା, ନୂଆଗାଁ(ବଙ୍ଗଳାଛକ), ବିଟିସିଙ୍ଗା, ଗଣ୍ଡିପାଣି, ବଡ଼ଚାଟରା, ଧାନଘେରୀ, ଘିଆଯୋଡ଼ି, ଝାରପୋଖରିଆ ଓ ଦିଘି ଗ୍ରାମ ଦେଇ ଶ୍ରୀରାମ ମନ୍ଦିର ରାଜାଲୋକାରେ ପହଞ୍ଚିଥିଲେ। ରିପନ ମହାନ୍ତ, ସଞ୍ଜୟ ସେଠୀ, ଶିବ ଶଙ୍କର ରଣା, ବାପି ମହାନ୍ତ, ଲକ୍ଷ୍ମୀ ପ୍ରସାଦ ମହାନ୍ତି, ବିଷ୍ଣୁ ପଦ ସାହୁ, ସୋମନାଥ ପଣ୍ଡା, ଆଶୁତୋଷ ପ୍ରତିହାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱିଙ୍ଗ୍ କିଙ୍ଗ୍‌ସ ଚାମ୍ପିୟନ

## ଗଲ୍ଲୀ କ୍ରିକେଟ ସିଜନ-୩

ବାରିପଦା, ୨୭।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ପୌରପାଳିକାର ୧୬ ନଂ. ୱାର୍ଡ ପରେଡ଼ପଡ଼ିଆ ଠାରେ ଦୁଇଦିନ ଧରି ଗଲ୍ଲୀ କ୍ରିକେଟ ସିଜନ-୩ ଆୟୋଜିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଦି ଫାଲ୍‌କନକୁ ହରାଇ ସ୍ୱିଙ୍ଗ କିଙ୍ଗସ୍ ଟିମ୍ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ୱାର୍ଡ କାଉନସିଲର ଦୀପ୍ତିରାଣୀ ପଟ୍ଟନାୟକ ଏବଂ ସନ୍ତୋଷ ପଟ୍ଟନାୟକ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଆୟୋଜନରେ ଜଲିଲ ଖାନ, କଲା, ଇସ୍ତାକ, ଫାରୁକ, ମିର୍ଜା, ଆବିତ୍, ଅନ୍ନୁ, ସୋନୁ, ଛୋଟୁ, ସାହରୁଖ, ଚନ୍ଦନ, ସ୍ୱାଧୀନ ପ୍ରମୁଖ ରହିଥିବା ବେଳେ ଏସକେ ନିଜାମ, ଏସକେ ଇବ୍ରାହିମ, ଗୁଟୁ ବାବୁ, ଫିରୋଜ ପ୍ରମୁଖ ସହଯୋଗ କରିଥିଲେ।

# ନିଲାମ ହେଲା ଝାରପୋଖରିଆ ସାପ୍ତାହିକ ହାଟ

ଝାରପୋଖରିଆ,୨୭।୩ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍‌ର ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା ଝାରପୋଖରିଆ(ବମ୍ବେଛକ)ଠାରେ ବସୁଥିବା ସାପ୍ତାହିକ ହାଟ ନିଲାମ କରାଯାଇଛି। ବାରିପଦା ଉପଜିଲାପାଳଙ୍କ ଅନୁମୋଦନ କ୍ରମେ ସାରସକଣା ବିଡିଓ ସୁମନ ରାଜା ମହାନ୍ତିଙ୍କ ଚିଠନଂ. ୧୦୦୯/୧୦।୩।୨୦୨୬ରିଖ ଅନୁଯାୟୀ ଗୁରୁବାର ସ୍ଥାନୀୟ ସରପଞ୍ଚ ମାଳତୀ ସିଂଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସଭାକକ୍ଷରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ନୋଡାଲ ଅଧିକାରୀ ଭାବେ ସାରସକଣା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାହୁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ପୁଷ୍ପାଞ୍ଜଳି ରାଉତ, ଏଡିଓ ଅଜୟ କୁମାର ଗିରିଙ୍କ ସହିତ ନିଲାମଧାରୀମାନେ ଉପସ୍ଥିତ ଥିଲେ। ଏହି ସାପ୍ତାହିକ ହାଟ ଗତ ୨୦୨୫-୨୬ ବର୍ଷରେ ୩ଲକ୍ଷ ୭୮ ହଜାର ୭୨୦ ଟଙ୍କାରେ ନିଲାମ ହୋଇଥିଲା। ୨୦୨୬-୨୭ ବର୍ଷ ନିମନ୍ତେ ସରକାରଙ୍କ ପକ୍ଷରୁ ୧୦ ଶତାଂଶ ଅଧିକ ହାରରେ ୪ ଲକ୍ଷ ୧୬ ହଜାର ୫୭୦ ଟଙ୍କା ରଖାଯାଇଥିଲା। ଉକ୍ତ ପଞ୍ଚାୟତ ଝାଡ଼ବେଡ଼ା ଗ୍ରାମର ଅଜିତ କୁମାର ମହାନ୍ତ ୪ ଲକ୍ଷ ୧୬ ହଜାର ୭୨୦ ଟଙ୍କାରେ ନିଲାମ ନେଇଥିଲେ। ସେହିପରି ଝାରପୋଖରିଆ ଦୈନିକ ବଜାରରେ ମାସୁଲ ଆଦାୟ ନିମନ୍ତେ ନିଲାମ କରାଯାଇଥିଲା। ୨୦୨୫-୨୬ରେ ୨୬ ହଜାର ୩୦୦ ଟଙ୍କାରେ ନିଲାମ କରାଯାଇଥିବା ବେଳେ ୨୦୨୬-୨୭ ପାଇଁ ସରକାରୀ ଧାର୍ଯ୍ୟ ୨୮ ହଜାର ୯ ଶହ ୩୦ ଟଙ୍କା ରଖାଯାଇଥିଲା। ଏହାକୁ ରାଜାଲୋକା ଗ୍ରାମର ଶିବ ଶଙ୍କର ସାହୁ ୨୯ ହଜାର ଟଙ୍କାରେ ନିଲାମ ନେଇଛନ୍ତି। ବମ୍ବେଛକଠାରେ ଥିବା କଂସେଇଖାନା ନିଲାମ ମଧ କରାଯାଇଛି। ୨୦୨୫-୨୬ ବର୍ଷରେ ୧୬ ହଜାର ୮୨୦ ଟଙ୍କା ନିଲାମ ପ୍ରଦାନ କରାଯାଇଥିବା ବେଳେ ଚଳିତ ବର୍ଷ ନିମନ୍ତେ ଏହାକୁ ସରକାରୀ ଧାର୍ଯ୍ୟ ଭାବେ ୧୮ ହଜାର ୫୦୨ ଟଙ୍କା ରଖାଯାଇଥିଲା। ରାଜାଲୋକା ଗ୍ରାମର ଶିବ ଶଙ୍କର ସାହୁ ୧୮ ହଜାର ୬ ଶହ ଟଙ୍କାରେ ଏହାକୁ ନିଲାମ ନେଇଥିବା ପଞ୍ଚାୟତ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ଶ୍ରମିକ ଚାଲାଣ ରୋକିଲା ପ୍ରଶାସନ

## ଜରିମାନା ଦେଇ ଫେରିଲା ଖାଲି ବସ୍

ଠାକୁରମୁଣ୍ଡା,୨୭।୩ (ତାରାକାନ୍ତ ପଟ୍ଟନାୟକ)

ତାମିଲନାଡୁରୁ ଶ୍ରମିକ ନେବାକୁ ଆସିଥିବା ଏକ ବସ୍‌କୁ ଠାକୁରମୁଣ୍ଡା ପ୍ରଶାସନ ଅଟକାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ଶ୍ରମିକଙ୍କୁ ବସ୍‌ରେ ବସାଇ ଠାକୁରମୁଣ୍ଡାଠାରେ ଥିବା ଏକ ପେଟ୍ରୋଲ ପମ୍ପରୁ ବସ୍ ଛାଡ଼ିବା ସମୟରେ ସୂଚନା ପାଇ ବିଡିଓ ସପ୍ନେଶ୍ୱର ବେହେରା ପହଞ୍ଚିଥିଲେ। ପରେ ଥାନା କର୍ତ୍ତୃପକ୍ଷଙ୍କୁ ଡାକି ସମସ୍ତ ଶ୍ରମିକଙ୍କୁ ବସ୍‌ରୁ ଓହ୍ଲାଇ ଦେଇଥିଲେ। ବିଡିଓ ନିଜେ ବସ୍‌ରେ ବସି ଥାନାକୁ ବସ୍‌କୁ ନେଇଥିଲେ। ବସ୍‌ରେ ଥିବା ସମସ୍ତ ଶ୍ରମିକ ଅଣ ପଞ୍ଜୀକୃତ ଥିବା ଜଣାପଡ଼ିଥିଲା। ବାହାରକୁ ଯିବାକୁ ଚାହୁଁଥିବା ଶ୍ରମିକ ପ୍ରଥମେ ନିଜକୁ ଶ୍ରମ ବିଭାଗରେ ପଞ୍ଜୀକୃତ କରି ବୈଧ ଭାବେ ବାହାରକୁ ଯିବାକୁ ବିଡିଓ ଶ୍ରମିକମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରମିକମାନେ ରାମନବମୀ କାର୍ଯ୍ୟକ୍ରମରେ ପ୍ରସାଦ ସେବନ କରି ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ଥାନାରେ ପରିବହନ ବିଭାଗ ଧାର୍ଯ୍ୟ କରିଥିବା ୧୧୬୬୪ ଟଙ୍କା ଜରିମାନା ଦେଇ ଅପରାହ୍ନ ୪ଟାରେ ଖାଲି ବସ୍ ପ୍ରତ୍ୟାବର୍ତ୍ତନ କରିଥିଲା।

# ମୟୂରଭଞ୍ଜ ସେବା ସଙ୍ଗଠନର ବୈଠକ

ବାରିପଦା,୨୭।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ରଘୁନାଥପୁର ନିକଟସ୍ଥ ହଦହଦି ଗ୍ରାମରେ ମୟୂରଭଞ୍ଜ ସେବା ସଂଗଠନର ନିଜସ୍ୱ ଗୃହ ଉଦ୍‌ଘାଟନ ହେବା ସହ ୧ମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାମାଜିକ କର୍ମୀ ଡ. ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ହିମାଂଶୁ ପ୍ରହରାଜ ଯୋଗଦେଇ ସଂଗଠନର ନିଜସ୍ୱ ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ।

ସଭାପତି ଚିନ୍ମୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଭରତ ଚନ୍ଦ୍ର ପାତ୍ର ଏକ ବର୍ଷଧରି ସଂଗଠନର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ବର୍ଷତମାମ ସଂଗଠନ ତରଫରୁ ପ୍ରତି ମଙ୍ଗଳବାର ବିଭିନ୍ନ ସ୍ଥାନରେ ଅନ୍ନବଣ୍ଟନ, ଖରାଦିନେ ପାନୀୟ ଜଳ ବଣ୍ଟନ କରାଯିବା ସହ ସଦସ୍ୟମାନେ ନିଜେ ରକ୍ତଦାନ କରିଥିଲେ। ଏଥିସହିତ ମୁଖ୍ୟ ପୃଷ୍ଠପୋଷକ ନିଜ ପ୍ରଚେଷ୍ଟାରେ ବହୁ ଗରିବ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି ବୋଲି ଜଣାଇଥିଲେ। ମୁଖ୍ୟ ପୃଷ୍ଠପୋଷକ ଗଗନ ଚନ୍ଦ୍ର ଦାସ ନିଜ ଗୃହକୁ ସଂଗଠନର କାର୍ଯ୍ୟାଳୟ ପାଇଁ ଦାନ କରିଥିବାରୁ ତାଙ୍କୁ ସଂଗଠନ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ସନ୍ଦୀପ କୁମାର ନାଥ, କୋଷାଧକ୍ଷ ତନୁଜା ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ହରିଶ ଚନ୍ଦ୍ର ଲେଙ୍କା, ସାଂସ୍କୃତିକ ସମ୍ପାଦକ ରାମେଶ୍ୱର ସିଂ ଓ ଉପଦେଷ୍ଟା ଅରବିନ୍ଦ ମୁଖି ଉପସ୍ଥିତ ରହି ଆଗାମୀ ଦିନରେ ସଂଗଠନର ରୂପରେଖ ଉପରେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସେବା ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ।

# କିଶୋରୀ ମାତୃତ୍ୱ ରୋକିବା ପାଇଁ ଜିଲାସ୍ତରୀୟ କର୍ମଶାଳା

ବାରିପଦା,୨୭।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ଅନୁକୁଲ୍ୟରେ କିଶୋରୀ ମାତୃତ୍ୱ ସମ୍ବନ୍ଧୀୟ ଏକ କର୍ମଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.କିଶୋର କୁମାର ଆଚାର୍ଯ୍ୟ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତା ମୟୀ ବିଶ୍ୱାଳ, ଜିଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ଏବଂ ୟୁନିସେଫର ନେହା ସିଂ ପ୍ରମୁଖ ଉପସ୍ଥିତ ହୋଇ ଜିଲାରେ ବୃଦ୍ଧି ପାଉଥିବା କିଶୋରୀ ମାତୃତ୍ୱକୁ କିପରି ରୋକା ଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହାକୁ ରୋକିବା ପାଇଁ ସରକାରଙ୍କ ଯୋଜନାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ସହିତ ସମସ୍ତଙ୍କର ପ୍ରୟାସ ଦ୍ୱାରା କିଶୋରୀ ମାତୃତ୍ୱକୁ ରୋକାଯାଇ ପାରିବ ବୋଲି ଅତିଥିମାନେ ମନ୍ତବ୍ୟ ରଖିଥିଲେ। ଉକ୍ତ କର୍ମଶାଳାରେ ଜିଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅତିରିକ୍ତ ପଞ୍ଚାୟତ ସମିତି ଉନ୍ନୟନ ଅଧିକାରୀ, ବିଭିନ୍ନ ଚିକିତ୍ସା ଅଧିକାରୀଙ୍କ ସହିତ ଜିଲା ମହିଳା ସଶକ୍ତୀକରଣ କେନ୍ଦ୍ରର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଶ୍ରୀରାମ ନବମୀ

ବୈଶିଙ୍ଗା(ରତନ ଦାଶ) /ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଣ୍ଡୁଆଳ)/ ଠାକୁରମୁଣ୍ଡା,(ତାରାକାନ୍ତ ପଟ୍ଟନାୟକ)/ ରାଇରଙ୍ଗପୁର (ମାନସ ମହାନ୍ତି),୨୭।୩

ବୈଶିଙ୍ଗା ଅଞ୍ଚଳରେ ରାମନବମୀ ପାଳିତ ହୋଇଯାଇଛି। ଏଠାରେ ଥିବା ହନୁମାନ ମନ୍ଦିର କମିଟି ପକ୍ଷରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ରଘୁପୁର ପଞ୍ଚାୟତର ବଙ୍ଗାଳିଡାହିସ୍ଥିତ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରିବା ସହ ସମଗ୍ର ଅଞ୍ଚଳ ପରିକ୍ରମା କରିଥିଲା। ବୈଶିଙ୍ଗା ଶିରିଡ଼ି ସାଇ ମନ୍ଦିର ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ ପାଳନ କରାଯାଇଥିଲା।

ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ଖିରିପଦା ଗ୍ରାମର ଶ୍ରୀରାମ ମନ୍ଦିରରେ ରାମ ନବମୀ ପାଳିତ ହୋଇଯାଇଛି। ମନ୍ଦିର ପୂଜକ ପ୍ରମୋଦ କୁମାର ମିଶ୍ର ଓ ପ୍ରମୋଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜା ପାଠ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଖୁଣ୍ଟସ୍ଥିତ ମହାବୀର ହନୁମାନଙ୍କ ମନ୍ଦିରରେ ମଧ ରାମନବମୀ ପାଳିତ ହୋଇଯାଇଛି। ମନ୍ଦିର ପୂଜକ ଜ୍ୟୋତି ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଶନ୍ନ ମିଶ୍ର, ତାପସ ଦାଶ ପ୍ରମୁଖ ପୂଜା ପାଠ ଓ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୁରୁଣା ବାରିପଦା ପଞ୍ଚାୟତ ସ୍ଥିତ ଗଡ଼ିଆମାଳଠାରେ ହନୁମାନ ମନ୍ଦିରରେ ମଧ ରାମନବମୀ ପାଳିତ ହୋଇଯାଇଛି।

ଠାକୁରମୁଣ୍ଡା ବଜାର ହନୁମାନ ଛକଠାରେ ରାମନବମୀ କମିଟି ପକ୍ଷରୁ ରାମନବମୀ ପାଳିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ବାଳିକା ଓ ବାଳକମାନେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜ୍ଜିତ ହୋଇଥିଲେ। ଅପରାହ୍ନ ୩ଟା ପରେ ବାଇକ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ହନୁମାନ ଛକରୁ ଆରମ୍ଭ ହୋଇ ରୁଗୁଡିବେଡାସ୍ଥିତ ସୀତା ରାମ ମନ୍ଦିର,ଚମକପୁର, ଠାକୁରମୁଣ୍ଡା, ଖମଡ଼ିହା, ଖୁଣ୍ଟାପୋଷି, ବେଣ୍ଟକାରପୋଡା, ଦିଗଧର,ସୁନିନ୍ଦା, ନିହାଣଗଣ୍ଡି ଗ୍ରାମ ପରିକ୍ରମା କରିଥିଲା। ରତିକାନ୍ତ ବୈଦ୍ୟ, ଦୀପ ପ୍ରଧାନ (ନାଣ୍ଟୁ), ଅବିନାଶ ସାହୁ, ମନୋରଞ୍ଜନ ମହାନ୍ତ , ନନ୍ଦ ବାରିକ, ଶିବ ମହାନ୍ତ, କ୍ଷତିଶ ଦାଶ ଓ ସୁଭେନ୍ଦୁ ବାରିକ, ଉପେନ୍ଦ୍ର ମହାନ୍ତ, ସୁବ୍ରତ ନାୟକ, ବୁଲେନ ସିଂ ମହାନ୍ତଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ରାଇରଙ୍ଗପୁର ସହରାଞ୍ଚଳ ସମେତ ପୁରପଲ୍ଲୀରେ ରାମନବମୀ ପାଳିତ ହୋଇଯାଇଛି। ସହରାଞ୍ଚଳର କୁଚେଇବୁଡ଼ି, ଇଚିଣ୍ଡା ଏବଂ ଅଁଳାଡୁବା ଅଞ୍ଚଳ ସମେତ ବଡ଼ବଜାରସ୍ଥିତ ହନୁମାନ ବାଟିକା ଅଞ୍ଚଳରେ ଥିବା ଶ୍ରୀରାମ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା ।ସନ୍ଧ୍ୟାରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅନେକ ଯୁବକ ଏଥିରେ ସାମିଲ ହୋଇ ଆଖଡ଼ା ଖେଳ ପ୍ରଦର୍ଶନ କରିଥିଲେ। ସବ୍‌ଜେଲ ପରିସରରେ ଥିବା ହନୁମାନ ମନ୍ଦିରରେ ରାମନବମୀ ପାଳିତ ହୋଇଥିଲା। ଏହା ବ୍ୟତୀତ ବାଦମପାହଡ଼, ଗୋରୁମହିଷାଣୀ, ବିଶୋଇ, ହାଟବାଦଡ଼ା ଅଞ୍ଚଳରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।


ଶ୍ରୀରାମ ନବମୀ ମହୋତ୍ସବରେ ବାହାରିଥିବା ଶୋଭାଯାତ୍ରା।


ଶୋଭାଯାତ୍ରାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଅନ୍ୟମାନେ।

# ଶୋଭାଯାତ୍ରାରେ ଶତାଧିକ ପ୍ରଜ୍ଞାପନ ମେଢ଼

## ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ

## ନଗର ସଂକୀର୍ତ୍ତନରେ ସାମିଲ ହେଲେ ଲକ୍ଷାଧିକ ଭକ୍ତ

**ଭଦ୍ରକ,୨୭।୩(ସନାତନ ରାଉତ/ ରବିନାରାୟଣ ଖିଲାର)**

ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ ଅବସରରେ ଶୁକ୍ରବାର ଭଦ୍ରକ ଶ୍ରୀରାମମୟ ହୋଇଥିବା ବେଳେ 'ଜୟ ଶ୍ରୀରାମ' ଧ୍ୱନିରେ ସହର ପ୍ରକମ୍ପିତ ହୋଇଉଠିଛି। ଭଦ୍ରକ ସହରର ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ସାହିବସ୍ତି ରାସ୍ତା ଲୋକାରଣ୍ୟ ହୋଇପଡ଼ିଥିଲା। ସମ୍ପୂର୍ଣ୍ଣ ସହରକୁ ଗେରୁଆ ପତାକା, ତୋରଣ ଓ ଗେରୁଆ ଟାୱାରରେ ସୁସଜ୍ଜିତ କରାଯାଇଥିଲା।

ଅପରାହ୍ନ ୫ଟାରୁ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ନେହେରୁ ଷ୍ଟାଡିୟମ୍‌ରୁ ଶୋଭାଯାତ୍ରା ବାହାରିଥିବା ବେଳେ ଭଦ୍ରକ ପୌରାଞ୍ଚଳର ବିଭିନ୍ନ ସାହିବସ୍ତି ସମେତ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ସୁସଜ୍ଜିତ ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା। ସଂକୀର୍ତ୍ତନ ଦଳ, ଆଦିବାସୀ ନୃତ୍ୟ, ବିଭିନ୍ନ ପାରମ୍ପରିକ ନୃତ୍ୟ, ବାଦ୍ୟ, କୀର୍ତ୍ତନ ମଣ୍ଡଳୀ, ସିଂହବାଜା, ଘଣ୍ଟବାଜା, ଘୋଡ଼ାନାଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଶୋଭାଯାତ୍ରା ସହର ପରିକ୍ରମା ପରେ ଗାନ୍ଧୀପଡ଼ିଆରେ ଉଦ୍‌ଯାପିତ ହୋଇଥିଲା। ଏଥିସହ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଗାନ୍ଧୀପଡ଼ିଆରେ ଚାଲିଥିବା ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମୟରେ ଯଜ୍ଞସ୍ଥଳ ଲୋକାରଣ୍ୟ ହୋଇଥିଲା। ଶୋଭାଯାତ୍ରାରେ ଗେଲପୁର, ସନ୍ଥିଆ, ଏଲଖା, ଗେଲଟିଆ, ଗବସାହି, ଜଗନ୍ନାଥପୁର, ଜାନୁଗଞ୍ଜ, ବଙ୍କସାହି, ମଠସାହି, କୁଆଁସ, ରାଜଘାଟ, ଚରମ୍ପା, ରାନ୍ଧିଆ ଅଞ୍ଚଳର ମେଢ଼ ସାମିଲ ହୋଇଥିଲା। ଶଙ୍ଖ, ହୁଳହୁଳି ମାଧ୍ୟମରେ ମେଢ଼ଗୁଡ଼ିକୁ ସ୍ୱାଗତ କରାଯାଇଥିଲା। ମହାଯଜ୍ଞ ସମିତି ଉପଦେଷ୍ଟା ତଥା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ସୁଧାଂଶୁ ଶେଖର ନାୟକ, ପ୍ରୟାସକାନ୍ତି ସାମଲ, ବଦ୍ରିନାରାୟଣ ଧଳ, ଦୀନବନ୍ଧୁ ପତି, ଅକ୍ଷୟ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ। ମହାଯଜ୍ଞ ସମିତି ସଭାପତି ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଡ଼ିଆରୀ, ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ଜଗନ୍ନାଥ ଦାସ, ସଂଯୋଜକ ଗୋବିନ୍ଦ ରାଉତ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ତୁଷାରକାନ୍ତ ଦାସ, ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୌରାଧ୍ୟକ୍ଷା ଗୁଲମକ୍ସୀ ଦଲାୱାଜି ହବିବ, କଂଗ୍ରେସ ଜିଲା ସଭାପତି ନଳିନୀକାନ୍ତ ମହାନ୍ତି, ଯୁବନେତା ଅସିତ୍ ପଟ୍ଟନାୟକ ଶୋଭାଯାତ୍ରାକାରୀଙ୍କୁ ନିଜ ଷ୍ଟଲ୍‌ରେ ରହି ସ୍ୱାଗତ କରିବା ସହ ଥଣ୍ଡା ପାନୀୟ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଯାଦବ ସଂଗଠନ ଓ ଦ୍ୱିବେଦୀ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ସେବା ମଣ୍ଡପରେ ମନ୍ତ୍ରୀ, ବିଧାୟକଙ୍କ ସମେତ ବହୁ ରାଜନେତା ଯୋଗ ଦେଇଥିଲେ। ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକ, ଜିଲା ଯାଦବ ସଭାପତି ସୁଧାଂଶୁ ନାୟକ, ସମ୍ପାଦକ ଦିଲୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଶୋଭାଯାତ୍ରାରେ ସାମିଲ ହୋଇଥିବା ଏକ ମେଢ଼।

### ମେଢ଼କୁ ନେଇ ପ୍ରତିଯୋଗିତା

ଶୋଭାଯାତ୍ରାରେ ସାମିଲ ହେଉଥିବା ସୁସଜ୍ଜିତ ପ୍ରଜ୍ଞାପନ ମେଢ଼ଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ମେଢ଼କୁ ମହାଯଜ୍ଞ ସମିତି ପକ୍ଷରୁ ପୁରସ୍କୃତ ବ୍ୟବସ୍ଥା ରହିଛି। ଏଣୁ ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର କରାଯାଇ ଲକ୍ଷାଧିକ ଟଙ୍କା ବ୍ୟୟରେ ମେଢ଼ଗୁଡ଼ିକୁ ତିଆରି କରାଯାଇଥିଲା। ଅଧିକାଂଶ ମେଢ଼ ଶୋଭାଯାତ୍ରାରେ ଡିଜେ ଓ ଭାଇବ୍ରେଟର ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଭକ୍ତି ଅପେକ୍ଷା ଅଧିକ ମନୋରଞ୍ଜନ ପରିଲକ୍ଷିତ ହୋଇଥିଲା। ଡିଜେ ଆଗରେ ଯୁବଗୋଷ୍ଠୀଙ୍କ ନାଚ ସାଙ୍ଗକୁ ଗେରୁଆ ପୋଷାକ ପରିଧାନ ଓ ମୁଣ୍ଡରେ ଗେରୁଆ ପଟି ମାହୋଲକୁ ଦ୍ୱିଗୁଣିତ କରିଥିଲା।


ଏକ ମେଢ଼ରେ ପ୍ରଭୁ ଶ୍ରୀରାମଙ୍କ ମୂର୍ତ୍ତି।

### ଶୋଭାଯାତ୍ରାକାରୀଙ୍କୁ ଥଣ୍ଡା ପାନୀୟ, ଖାଦ୍ୟ ବଣ୍ଟନ

ବିଭିନ୍ନ ଛକରେ ବହୁ ଅନୁଷ୍ଠାନ, ସଙ୍ଗଠନ ଓ ରାଜନେତାଙ୍କ ପକ୍ଷରୁ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରାଯିବା ସହ ଥଣ୍ଡା ପାନୀୟ, ସର୍ବତ, ପାଣି ପାଉଚ, ତରଭୁଜ, ଆଇସ୍‌କ୍ରିମ୍, ପୁରି, ଆଳୁଦମ୍, ଖିଚୁଡ଼ି ପ୍ରସାଦ ଆଦି ପରଷା ଯାଇଥିଲା।

### ନଜର ରଖିଥିଲା ଡ୍ରୋନ୍ କ୍ୟାମେରା

ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ମନୋଜ ରାଉତଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇମାନେ ତଦାରଖ କରିଥିଲେ। ୨୦ ପ୍ଲାଟୁନ ଫୋର୍ସ, ରାପିଡ୍ ଆକ୍ସନ ଫୋର୍ସ, ବିଏସ୍‌ଏଫ୍ ଯବାନ ଓ କେନ୍ଦ୍ର ସୁରକ୍ଷା ବଳ ନିୟୋଜିତ ରହିଥିଲେ। ଏହାସହ ସିସିଟିଭି ଓ ଡ୍ରୋନ୍ କ୍ୟାମେରା ଭିଡ଼ ଉପରେ ନଜର ରଖିଥିଲା। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଅପରାହ୍ନ ୪ଟାରୁ ସହର ଭିତରକୁ ଯାନବାହନ ନିଷେଧ କରାଯାଇଥିଲା।

### ନାକେଦମ୍ ପୋଲିସ

ବିଶାଳ ଶୋଭାଯାତ୍ରାକୁ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଛି। ଅପରାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଡ୍ୟୁଟି କରୁଥିବା ପୋଲିସ କର୍ମଚାରୀମାନେ ଥକି ପଡ଼ିଥିଲେ। ବିଶ୍ରାମ ନେବା ପାଇଁ ଟିକେ ସୁଯୋଗ ମିଳିଲେ ଯେକୌଣସି ସ୍ଥାନରେ ବସି ପଡୁଥିବା ଦେଖାଯାଇଥିଲା।

### ୬୨ ବର୍ଷରେ ନାଞ୍ଜିପଦା ବାସନ୍ତୀଦୁର୍ଗା ପୂଜା

## ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା'

**ବାସୁଦେବପୁର,୨୭।୩(ନାରାୟଣ ପ୍ରସାଦ ବାରିକ୍):** ବାସୁଦେବପୁର ବ୍ଲକ ଅଡୁଁଆ ପଞ୍ଚାୟତର ନାଞ୍ଜିପଦାଠାରେ ସାର୍ବଜନୀନ ବାସନ୍ତୀଦୁର୍ଗା ପୂଜା ଏଥର ୬୨ବର୍ଷରେ ପହଞ୍ଚିଛି। ସାର୍ବଜନୀନ ପୂଜା କମିଟି ଓ ଅଞ୍ଚଳବାସୀଙ୍କ ସହଯୋଗରେ ଧୁମ୍‌ଧାମ୍‌ରେ ପୂଜା କରାଯାଉଛି। ୧୫ ଦିନରୁ ଉର୍ଦ୍ଧ୍ୱ ଏହି ମଣ୍ଡପରେ ମା' ପୂଜା ପାଇବେ। ସାର୍ବଜନୀନ ପୂଜା କମିଟି ସଭାପତି ନିରାକର ପରିଡ଼ା, ସମ୍ପାଦକ ଗୌରହରି ମଲ୍ଲିକଙ୍କ ସମେତ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ପୂଜା ଚାଲିଛି। ପ୍ରଥମେ ଏକ ଝାଟିମାଟି ଘରେ ମା' ପୂଜା ପାଉଥିବା ବେଳେ ଏବେ କମିଟି ପକ୍ଷରୁ ସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା କରାଯାଉଛି। ସେହିପରି ସାନକୃଷ୍ଣପୁର ପଞ୍ଚାୟତର ଚାନ୍ଦିମାଳ, ନରସିଂହପୁର ବଜାର ସଂଲଗ୍ନ ବାସନ୍ତୀ ପଡ଼ିଆ, ସୁଗୋ ସମେତ ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା ଚାଲିଛି।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ୨ ବାଇକ୍ ଆରୋହୀ ଗୁରୁତର

**ବନ୍ତ,୨୭।୩(କିଶୋର କୁମାର ସେଠୀ):** ବନ୍ତ ଥାନା ଅଧୀନ ଘରପଦା ନିକଟରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଘରପଦା ଗାଁର ଆଲୋକ ମୁଣ୍ଡା ଏବଂ ନାରାୟଣ ମୁଣ୍ଡା। ସେମାନେ ଏକ ବାଇକ୍‌ରେ ବନ୍ତ ଆଡ଼କୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଶ୍ରୀ ରଘୁନାଥଜୀଉ ମନ୍ଦିର ଉତ୍ସବମୁଖର


ରଘୁନାଥଜୀଉ ମନ୍ଦିରରେ ପୂଜା ପାଉଥିବା ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ସୁସଜ୍ଜିତ ବିଗ୍ରହ।

**ବାସୁଦେବପୁର,୨୭।୩(ନାରାୟଣ ପ୍ରସାଦ ବାରିକ୍)**

ଶ୍ରୀରାମ ନବମୀ ଅବସରରେ ଶୁକ୍ରବାର ବାସୁଦେବପୁରର ହନୁମାନ ବାଟିକା ପରିସରରେ ଥିବା ରଘୁନାଥଜୀଉଙ୍କ ମନ୍ଦିର ଉତ୍ସବମୁଖର ହୋଇଛି। ବହୁ ଶ୍ରଦ୍ଧାଳୁ ସକାଳୁ ମନ୍ଦିରରେ ପହଞ୍ଚି ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ସକାଳେ ମନ୍ଦିର ପରିସରରୁ ଏକ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ମନ୍ଦିର ପରିସରରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ରଘୁନାଥଜୀଉଙ୍କ ମନ୍ଦିର ସମେତ ନିକଟରେ ଥିବା ମହାବୀରଙ୍କ ମନ୍ଦିର ଓ ରାମେଶ୍ୱର ମହାଦେବଙ୍କ ମନ୍ଦିରକୁ ସୁସଜ୍ଜିତ କରାଯାଇଛି। ଆୟୋଜିତ ଯଜ୍ଞରେ ହେମନ୍ତ ଶତପଥୀ, ଅନନ୍ତ ଶତପଥୀ, ମନୋରଞ୍ଜନ ପାଢ଼ୀ, ସତ୍ୟପ୍ରିୟ ମିଶ୍ର, ଚିନ୍ମୟାନନ୍ଦ ମିଶ୍ର ପ୍ରମୁଖ ଯଜ୍ଞ ଓ ପୂଜା କାର୍ଯ୍ୟ ତୁଲାଇଥିଲେ। ସେହିପରି ଲକ୍ଷ୍ମୀଦାସପୁର ପଞ୍ଚାୟତ ରଘୁପୁର ଛକଠାରେ ଥିବା ରାମମନ୍ଦିର, କମାରଗାଁ ରଘୁନାଥଜୀଉ ମନ୍ଦିରରେ ପୂଜା ପାଉଥିବା ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ସୁସଜ୍ଜିତ ବିଗ୍ରହ। ରାମମନ୍ଦିର, ବଛଦା ପଞ୍ଚାୟତର ଭଣ୍ଡାରିଆ ଛକଠାରେ ଥିବା ରାମମନ୍ଦିରରେ ରାମ ନବମୀ ଉତ୍ସବ ପାଳନ କରାଯାଇଛି।

## ଚାନ୍ଦବାଲିରେ ରାମ ନବମୀ ଉତ୍ସବ

**ଚାନ୍ଦବାଲି,୨୭।୩(କିଷାନ ପାତ୍ର)**

ଚାନ୍ଦବାଲି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଆଡ଼ମ୍ବରରେ ପାଳନ କରାଯାଉଛି। କାଳୀପଡ଼ିଆରେ ଏହି ଉତ୍ସବ ଧୁମ୍‌ଧାମ୍‌ରେ ଆୟୋଜିତ ହୋଇଛି। ଦଶମୀ ଅବସରରେ ବିଶାଳ ନଗର ସଂକୀର୍ତ୍ତନ ଓ ଶୋଭାଯାତ୍ରା ହେବାକୁ ଥିବାବେଳେ ସ୍ଥାନୀୟ ଅଞ୍ଚଳର ବହୁ ମେଢ଼ ଏଥିରେ ସାମିଲ ହେବ। ମହୋତ୍ସବ ପରିପ୍ରେକ୍ଷୀରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିବା ଶ୍ରୀରାମଙ୍କ ମେଢ଼କୁ ବିଜୟନଗର, କାଣ୍ଡଗରଡ଼ି ଏବଂ ଓରାସାହିର ଶ୍ରୀରାମ ଭକ୍ତମାନେ ସ୍ୱାଗତ କରିଥିଲେ। କାଳୀ ମନ୍ଦିର ପାଖରେ ସମିତି ସଦସ୍ୟମାନଙ୍କ ଦ୍ୱାରା ଟଙ୍କ ତୋରାଣି ବଣ୍ଟନ କରାଯାଇଥିଲା। ପ୍ରାୟ ୫ ହଜାର ଲଡୁ ବଣ୍ଟନ କରାଯାଇଛି।


କାଳୀପଡ଼ିଆରେ ଆୟୋଜିତ ପୂଜା ମଣ୍ଡପ।


ପୂଜା ମଣ୍ଡପରେ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ଚାଲିଛି।

## ଟିଲୋ ଶ୍ରୀରାମ ନବମୀ ମହୋତ୍ସବକୁ ୫୦ବର୍ଷ

**ବନ୍ତ,୨୭।୩(ହରିନାରାୟଣ ମହାନ୍ତି)**

ବନ୍ତ ବ୍ଲକର ଟିଲୋଠାରେ ପ୍ରତିବର୍ଷ ଅନୁଷ୍ଠିତ ହୋଇ ଆସୁଥିବା ଶ୍ରୀରାମ ନବମୀ ମହୋତ୍ସବ ଚଳିତବର୍ଷ ୫୦ବର୍ଷରେ ପଦାର୍ପଣ କରିଛି। ଶୁକ୍ରବାର ଚୌଧୁରୀ ପୁଷ୍କରିଣୀରୁ କଳସ ଅଣାଯାଇ ଶୋଭାଯାତ୍ରାରେ ବଡ଼ସାହି ଓ ମାଳିସାହି ଗ୍ରାମ ପରିକ୍ରମା କରାଯାଇ ପୂଜା ମଣ୍ଡପରେ ଘଟ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୌରାଙ୍ଗ ପାତ୍ର, ବିଦ୍ୟୁତ ବିଶ୍ୱାଳ ଓ ରାଜେଶ ଖିଲାର କଳସ ଆଣିଥିଲେ। ଏହି ଉତ୍ସବ ୪ ଦିନ ଧରି ଚାଲିବାକୁ ଥିବାବେଳେ ଶନିବାରଠାରୁ ୪ଦିନ ଧରି ବାଦୀପାଲା ପରିବେଷଣ ହେବ ବୋଲି କମିଟି ସଭାପତି ମାଧବାନନ୍ଦ ବିଶ୍ୱାଳ ଏବଂ ସମ୍ପାଦକ ମଧୁସୂଦନ ସାମଲ କହିଛନ୍ତି। ବିଦ୍ୟାଧର ଲେଙ୍କା, ପୂର୍ବତନ ସରପଞ୍ଚ ଅର୍ଜୁନ ଚରଣ ପଣ୍ଡା, ଦୋଳଗୋବିନ୍ଦ ସାହୁ, କୃଷ୍ଣଚନ୍ଦ୍ର ସାହୁ, କାଶୀନାଥ ସାହୁ, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ପଦ୍ମନାଭ ଖୁଣ୍ଟିଆ, କ୍ଷୀରୋଦ ରାଉତଙ୍କ ସମେତ କମିଟି ସଦସ୍ୟ, ମାଳିସାହି, ବଡ଼ସାହି, କୁଶବେଣ୍ଟି ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଆଖଣ୍ଡଳମଣି ପୀଠରୁ ବାହାରିଲା ଶ୍ରୀରାମଙ୍କ ଭବ୍ୟ ମେଢ଼

**ଧୁସୁରୀ,୨୭।୩(ଦୀପ୍ତିରଞ୍ଜନ ନାୟକ)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଆଖଣ୍ଡଳମଣି ପୀଠରୁ ଶ୍ରୀରାମଙ୍କ ଭବ୍ୟ ମେଢ଼ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ଭଦ୍ରକସ୍ଥିତ ଶ୍ରୀରାମ ନବମୀ ମହାଯଜ୍ଞ ସ୍ଥଳ ଅଭିମୁଖେ ବାହାରିଥିଲା। ଶିବପ୍ଲାଜାଠାରେ ଏହି ମେଢ଼ରେ ଉପବେଶନ କରିଥିବା ଶ୍ରୀରାମଙ୍କ ପରମ ଭକ୍ତ ପ୍ରଭୁ ହନୁମାନଙ୍କୁ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ, ପାଳସାହି, ରଇପୁର ଆଦି ପଞ୍ଚାୟତର ଶ୍ରୀରାମ ସେନା ଭାବେ ପରିଚିତ ଶତାଧିକ ଯୁବକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରାୟ ୭ ବର୍ଷ ହେବ ଭଦ୍ରକକୁ ଏହି ମେଢ଼ ନେବା ପରମ୍ପରା ରହିଆସିଛି। ଏହି ମେଢ଼ ଯିବା ବାଟରେ ବିଭିନ୍ନ ସ୍ଥାନରେ ପ୍ରଭୁଙ୍କୁ ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଦୀପକ ବିଶ୍ୱାଳ, ସଂଗ୍ରାମ ସାହୁ, ସୁରେଶ ମହାଲିକ, ବିଶ୍ୱମ୍ବର ଜେନା, ମାନସ ମହାଲିକ, ଲିକୁନା ପରିଡ଼ା ବାଜପେୟୀ ନାୟକ, ସତ୍ୟଶିବ ନାୟକ, ସଦାନନ୍ଦ ମଲିକ, ମଣିଭଦ୍ର ଦାସ, ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।


ଶ୍ରୀରାମ ସେନାର ଯୁବକମାନେ ମେଢ଼ ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି।

## ସଂକ୍ଷେପରେ

### ୧୯୭୭ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ବଡଲା, ୨୭।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହାଟଡ଼ିହୀ ହାଇସ୍କୁଲର ୧୯୭୭ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଶୁକ୍ରବାର ଅଣାଧୁନୀ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଙ୍ଗତ ଗୁରୁ ଏବଂ ଛାତ୍ରୀଛାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ବନ୍ଧୁଙ୍କ ମଧ୍ୟରେ ପୁରୁଣା ସ୍ମୃତି ଓ ନିଜର ଅନୁଭୂତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ହରେକୃଷ୍ଣ ପହି, ଉପେନ୍ଦ୍ର ପୃଷ୍ଟି, ରାମଚନ୍ଦ୍ର ବେହେରା, ବେଣୁଧର ନାୟକ, ବିଳାସ ଜେନା, ଜଗବନ୍ଧୁ ସାହୁ, ରସାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାସ୍ତରୀୟ ଶ୍ରୀଅରବିନ୍ଦ କର୍ମୀ ସମ୍ମିଳନୀ

କେନ୍ଦୁଝର, ୨୭।୩(ଦୀପକ ମିଶ୍ର)

କେନ୍ଦୁଝରଗଡ଼ ମାଇନିଂ ରୋଡ୍‌ସ୍ଥିତ ଶ୍ରୀଅରବିନ୍ଦପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ପରିସରରେ ଶୁକ୍ରବାର କେନ୍ଦୁଝର ଜିଲାସ୍ତରୀୟ ଶ୍ରୀଅରବିନ୍ଦ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାତୃନିଳୟ ସମାଧି ମଣ୍ଡପରେ ମା' ଶ୍ରୀଅରବିନ୍ଦଙ୍କୁ ପୁଷ୍ପାର୍ପଣ ସହ ସାମୂହିକ ନୀରବ ଧ୍ୟାନ ଓ ପ୍ରାର୍ଥନା କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ପରେ ମାଇନିଂ ରୋଡ଼ସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷାନୁଷ୍ଠାନ ସଭାଗୃହରେ ୨ ମିନିଟ୍ ନୀରବ ଧ୍ୟାନ ସହ ମାତୃବନ୍ଦନା ଗାନ କରାଯାଇଥିଲା। ଅପ୍ରେଲ ୧୩ରେ କେନ୍ଦୁଝରଠାରେ ହେବାକୁ ଥିବା ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ନିମନ୍ତ୍ରଣ ହୋଇଥିଲା। ଏ ଅବସରରେ କର୍ମୀ ସମ୍ମିଳନୀର ଉଦ୍ଦେଶ୍ୟ ଓ ସବିଶେଷ ବିବରଣୀ ପାଠ କରାଯାଇଥିଲା। ଜିଲା ସଂଗଠକ ଗୁନଚରଣ ସାହୁ, ପଦ୍ମନାଭ ମହାନ୍ତ ଓ ରାଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଚାଲୁଥିବା ଅନ୍‌ଲାଇନ ପାଠଚକ୍ର ଉପରେ ଅନୁଧ୍ୟାନ କରାଯାଇ ସର୍ବାଧିକ ଗୁରୁତ୍ୱ ଦିଆଯିବା ସକାଶେ ଜିଲା ସଂଗଠନର ବିଭିନ୍ନ ବ୍ଲକ୍‌ର ସଂଯୋଜକ ଓ ଦଶକର୍ମଧାରାର ସଂଗଠକ-ଆବାହକଙ୍କୁ ସୂଚନା ଦିଆଯାଇଥିଲା। କର୍ମୀମାନେ ନିଜ ଅଞ୍ଚଳର ନୂତନ ପାଠଚକ୍ର ଗଠନ ଓ ସେମାନଙ୍କ ମାତୃକାର୍ଯ୍ୟଧାରାର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରୁ ଶ୍ରୀଅରବିନ୍ଦଙ୍କ ଅନୁଗାମୀ ଉପସ୍ଥିତ ଥିଲେ।

# ଗାଁକୁ ନାହିଁ ରାସ୍ତା, ବିଦ୍ୟୁତ୍ ସଂଯୋଗ

**ମୌଳିକ ସୁବିଧାରୁ ବଞ୍ଚିତ ୨ ଜୁଆଙ୍ଗ ପଲ୍ଲୀ**
- ଝରଣା ପାଣି ବ୍ୟବହାର କରୁଛନ୍ତି
- ଗାଁକୁ ଯିବାକୁ ୩ ପାହାଡ଼ ଚଢ଼ିବାକୁ ପଡ଼ୁଛି

କେନ୍ଦୁଝର, ୨୭।୩(ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକର ୨ଜୁଆଙ୍ଗ ପଲ୍ଲୀବାସୀ ରାସ୍ତା, ବିଦ୍ୟୁତ୍, ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ପାଦଚଲା ରାସ୍ତା ସହ ପାହାଡ଼ ଚଢ଼ି ଯାତାୟାତ କରୁଛନ୍ତି। ଏପରିକି ଗାଁକୁ ସାଇକେଲ ଯିବା ବି ସ୍ୱପ୍ନ ହୋଇଛି। ଗମନାଗମନ ପାଇଁ ଯମ ଯନ୍ତ୍ରଣା ଭୋଗୁଥିବା ସ୍ଥାନୀୟ ଅଧିବାସୀ କହିବା ସହ ଗାଁକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଢେଙ୍କିତୋପାର ଦନାର ଜୁଆଙ୍ଗଙ୍କ ସମେତ ୨ ଗାଁର ଲୋକେ ଦାବି କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅଧୀନ ଆଦିମ ଜନଜାତି ଜୁଆଙ୍ଗ ଗାଁ ଢେଙ୍କିତୋପାଟି ସିଂହପର୍ବତ ଏବଂ ହାଣ୍ଡିଭଙ୍ଗା ଗାଁଟି ଆଲୁପାଦ ପାହାଡ଼ ଉପରେ ରହିଛି। ଢେଙ୍କିତୋପାରେ ୨୦ଟି ପରିବାର, ହାଣ୍ଡିଭଙ୍ଗାରେ ୧୫ଟି ଜୁଆଙ୍ଗ ପରିବାର ରହୁଥିବା ବେଳେ ଢେଙ୍କିତୋପା ଗାଁକୁ ଯିବାକୁ ହେଲେ କାଞ୍ଜିପାଣି ଘାଟିରୁ କପ୍ତାଟଙ୍ଗୁରା ପାହାଡ଼, ମହାବୀରା ପାହାଡ଼ ଅତିକ୍ରମ କଲେ ସିଂହପର୍ବତ ପଡ଼ିଥାଏ। ଉକ୍ତ ପାହାଡ଼ ଉପରେ ଢେଙ୍କିତୋପା ଗାଁ। ସେହିପରି ହାଣ୍ଡିଭଙ୍ଗା ଗାଁର ମଧ୍ୟ ସମାନ ଅବସ୍ଥା। କାଞ୍ଜିପାଣି ଘାଟରୁ କପ୍ତାଟଙ୍ଗୁରା ପାହାଡ଼, ମହାବୀରା ପାହାଡ଼ ଅତିକ୍ରମ କରି ଆଲୁପାଦ ପାହାଡ଼ ଚଢ଼ିଲେ ଏହି ଜୁଆଙ୍ଗପଲ୍ଲୀ ପଡ଼ିବ। ୨ ଗାଁକୁ ରାସ୍ତା ନ ଥିବାରୁ ବହୁ ବର୍ଷ ଧରି ପାଦଚଲା ରାସ୍ତାରେ ଯାତାୟାତ କରୁଛନ୍ତି। ଏପରିକି ଗାଁକୁ ରାସ୍ତା ନ ଥିବାରୁ ଲୋକେ ସାଇକେଲ ଖଣ୍ଡେ ମଧ୍ୟ କିଣିନାହାନ୍ତି। ଜୀବନ ଜୀବିକା ପାଇଁ ପୋଡୁଚାଷ, ଛେଳି ପାଳନ ସହ ଜଙ୍ଗଲ


ଆଲୁପାଦ ପାହାଡ଼ ଉପରେ ଥିବା ହାଣ୍ଡିଭଙ୍ଗା ଗାଁ।

ଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି। ସପ୍ତାହରେ ଥରେ ମଙ୍ଗଳବାର ପ୍ରାୟ କାଞ୍ଜିପାଣି ହାଟକୁ ଆସି ସେମାନଙ୍କର ତେଲ ଲୁଣ ସଂଗ୍ରହ କରିଥାନ୍ତି। ୨ ଗାଁକୁ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇନାହିଁ। ଗତ ୧ ମାସ ହେବ ଗ୍ରାମର ସମସ୍ତ ଘରକୁ ସୌର ଆଲୋକ ବ୍ୟବସ୍ଥା ହୋଇଛି। ମାତ୍ର ପାନୀୟ ଜଳ ପାଇଁ ଲୋକେ ପାହାଡ଼ି ଝରଣାରେ ଚୁଆ ଖୋଳି ବ୍ୟବହାର କରୁଛନ୍ତି। ଏତେ ସମସ୍ୟା ମଧ୍ୟରେ ଶିକ୍ଷା କଥା ପଚାରେ କିଏ। ଉକ୍ତ ୨ ଟି ଜୁଆଙ୍ଗ ପଲ୍ଲୀରେ ବିଦ୍ୟାଳୟ ନ ଥିବାରୁ ନିକଟସ୍ଥ ଉପରପଣସନସାରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ଅଭିଭାବକ ପିଲାଙ୍କୁ ସ୍କୁଲରେ ଛାଡ଼ି ନିଜ ସାଙ୍ଗରେ ଆଣିଥିବା ଛେଳିକୁ ଦିନ ସାରା ଚରାଇବା ସହ ଜଙ୍ଗଲୀ ଦ୍ରବ୍ୟ ସଂଗ୍ରହ କରିଥାଆନ୍ତି। ସନ୍ଧ୍ୟାରେ ପିଲାଙ୍କୁ ଧରି ଘରକୁ ଫେରିଥାନ୍ତି। ଆଶ୍ଚର୍ଯ୍ୟର କଥା ଉପରପଣସନସା ପ୍ରାଥମିକ ବିଦ୍ୟାଳୟର ମଧ୍ୟ ଘର ନାହିଁ। ଏଠାକାର ପିଲାମାନେ ଏବେ ବି ଜୁଆଙ୍ଗଙ୍କ ମଣ୍ଡ ଘରେ ପଢୁଛନ୍ତି।

ଉପରପଣସନସାବାସୀ ମଧ୍ୟ ଅନେକ ବର୍ଷ ଧରି ପାଦଚଲା ରାସ୍ତାରେ ଯନ୍ତ୍ରଣା ଭୋଗୁଥିଲେ। ଏବେ ଗାଁକୁ ରାସ୍ତା କାମ ଆରମ୍ଭ ହୋଇଛି। ଗାଁକୁ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିବାରୁ ଗ୍ରାମର ସୁଦାମ ଜୁଆଙ୍ଗ ଏକ ବାଇକ୍ କିଣିଥିବା ବେଳେ ସାହେବ ଜୁଆଙ୍ଗ, ଓବି ଜୁଆଙ୍ଗ ୨ ଟି ସାଇକେଲ କିଣିଛନ୍ତି।

ଢେଙ୍କିତୋପାର ବାସିନ୍ଦା ଦନାର ଜୁଆଙ୍ଗ କହିଛନ୍ତି, ଗାଁକୁ ରାସ୍ତା ନ ଥବାରୁ ସାଇକେଲର ଆବଶ୍ୟକତା ପଡୁନାହିଁ। ତେଣୁ ପାଦରେ ଚାଲି ଚାଲି ଆମେ କାମ ଚଳାଇ ଦେଉଛୁ। ଯଦି କେବେ ରାସ୍ତା ହୁଏ, ତେବେ ସାଇକେଲଟିଏ କିଣିବାକୁ ଇଚ୍ଛା ଅଛି ବୋଲି କହିଛନ୍ତି। ଉପର ପଣସନସାର ସଜନ ଜୁଆଙ୍ଗ କହିଛନ୍ତି, ଢେଙ୍କିତୋପା, ହାଣ୍ଡିଭଙ୍ଗା ଭଳି ଉପରପଣସନସାର ସମାନ ସମସ୍ୟାରେ ଥିଲା। ଏବେ ରାସ୍ତା କାମ ଆରମ୍ଭ ହୋଇଛି। ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଶିବଶଙ୍କର ମିଶ୍ର କହିଛନ୍ତି, ୨ ଗାଁ ସମ୍ପର୍କରେ ତାଙ୍କ ନିକଟରେ ଖବର ନାହିଁ। ତେବେ ବାଂଶପାଳ ବ୍ଲକ୍ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି। ସେ ବୁଝିବେ ଓ ଏହାପରେ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଦ୍ୱାରା ପଦକ୍ଷେପ ନିଆଯିବ।

# ୩ ସପ୍ତାହ ପରେ ବି ଆଇନଗତ ପଦକ୍ଷେପ ଶୂନ

**ଶିକ୍ଷୟିତ୍ରୀଙ୍କୁ ଅସୌଜନ୍ୟ ବ୍ୟବହାର ଘଟଣା**

ହାଟଡ଼ିହୀ, ୨୭।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ଶିକ୍ଷା ଜିଲାର ମିଠିଗାଁ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରା ବିଦ୍ୟାଳୟ ଛୁଟି ପରେ ଜଣେ ଆଦିବାସୀ ଶିକ୍ଷୟିତ୍ରୀଙ୍କୁ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥିଲେ। ଅଭିଯୋଗ ପରେ ଆଇସିସି (ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି) ଦ୍ୱାରା ହାଟଡ଼ିହୀ ବିଇଓ ରାଜୀବ ଦଳେଇ ତଦନ୍ତ କରାଇଥିଲେ। ବିଇଓ ଚିଠି (ନଂ. ୭୩୬/୭ ମାର୍ଚ୍ଚ ୨୦୨୬) ଅନୁସାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିଥିଲେ। କିନ୍ତୁ ୩ ସପ୍ତାହ ବିତି ସାରିଥିଲେ ମଧ୍ୟ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଶୂନ ରହିଛି। ଏ ନେଇ ହାଟଡ଼ିହୀ ବିଇଓ ରାଜୀବ ଦଳେଇଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଫଳରେ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସୋସୋ ଥାନା ଅଧିକାରିଣୀ କାନନ ସାହୁ କହିଛନ୍ତି, ସମ୍ପୃକ୍ତ ଘଟଣା ବାବଦରେ କୌଣସି ଲିଖିତ ଅଭିଯୋଗ ହୋଇନି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିବା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଥିବା ବେଳେ ଆଇନଗତ ପଦକ୍ଷେପ ଦିଗରେ ପଚାରିବାରୁ କୌଣସି ପ୍ରତିକ୍ରିୟା ନ ଦେଇ ଫୋନ କାଟି ଦେଇଥିଲେ। ଆଇନଗତ ପଦକ୍ଷେପ ସ୍ୱରୂପ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ନାମରେ ମାମଲା ରୁଜୁ ହେବା କଥା ବୋଲି ଆନନ୍ଦପୁର ଉପଜିଲାପାଳ ନୀଳ ମାଧବ ସୁନା କହିଛନ୍ତି। ଆଇନଜୀବୀ ପ୍ରଶାନ୍ତ ଶତପଥି କହିଛନ୍ତି, ତଦନ୍ତ କରିଥିବା ଆଇସିସି କମିଟି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ନାମରେ ସ୍ଥାନୀୟ ଥାନାରେ ଅଭିଯୋଗ କରିବା କଥା। ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ଭଗବାନ ମଲିକ କହିଛନ୍ତି, ହାଟଡ଼ିହୀ ବିଇଓ ଏବଂ ଶିକ୍ଷା ବିଭାଗର ଅନ୍ୟ ବାବୁମାନେ କୌଣସି ସ୍ୱାର୍ଥ ଏବଂ ଚାପରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ଅପରାଧକୁ ନୀରବ ସମର୍ଥନ ଦେଉଛନ୍ତି। ବିଇଓ ଏବଂ ଜିଲା ଶିକ୍ଷାଧିକାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରସ୍ଥ ହେବେ ବୋଲି ମଲିକ କହିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଏମ୍‌ପି ଅନନ୍ତ ନାୟକ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

ବଡଲା, ୨୭।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପିଏମ୍ ଶ୍ରୀ ରାମ ବିକ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟ ସଡ଼ଙ୍ଗର ପ୍ରଧାନଶିକ୍ଷକ ବୃନ୍ଦାବନ ମଲ୍ଲିକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ସାହୁ, ହାଟଡ଼ିହୀ ଗୋଷ୍ଠୀ ଶିକ୍ଷାଧିକାରୀ ରାଜୀବ ଦଳେଇ, ସମ୍ମାନିତ ଅତିଥି ବୋଲଗଡ଼ର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ମାଗୁଣି ପ୍ରଧାନ, ଓସ୍ତାର ସମ୍ପାଦକ ରଞ୍ଜନ ଘଡ଼େଇ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗେଡ଼ମାର ଉମାକାନ୍ତ ସେନାପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ପାତ୍ର, ଜଟାଧାରୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ପଣ୍ଡା, ଲୋକନାଥ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ନାୟକ ଅତିଥିଭାବେ ଯୋଗଦେଇଥିଲେ। ଅବସର ନେଉଥିବା ଶିକ୍ଷକ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀଙ୍କୁ ତାଙ୍କ ବାସଭବନରୁ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରଛାତ୍ର ଓ ଗ୍ରାମବାସୀ ଶୋଭାଯାତ୍ରାରେ ବିଦ୍ୟାଳୟକୁ ଅଣିଥିଲା। ମୁଖ୍ୟ ଅତିଥି ବିଦାୟୀ ଶିକ୍ଷକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଭବିଷ୍ୟତ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଦୀପ୍ତିରଞ୍ଜନ ପଣ୍ଡା, ଜୟନ୍ତ ସେଠୀ, ଶ୍ରୀକାନ୍ତ ଦାସ, ଭଗବାନ ସେଠୀ, ଅହଲ୍ୟା ଲେଙ୍କା, ମଧୁସ୍ମିତା ପହି, କିଶୋର ପାଣିଗ୍ରାହୀ, ପୂଜସ୍ମିତା ପଣ୍ଡା, ଅର୍ଚ୍ଚନା ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ନଳକୂପ ମରାମତି, ଟ୍ୟାଙ୍କର ବ୍ୟବସ୍ଥାକୁ ଗୁରୁତ୍ୱ

**ଗ୍ରୀଷ୍ମପ୍ରବାହ ମୁକାବିଲା ପ୍ରସ୍ତୁତି**

ଯୋଡ଼ା, ୨୭।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଗ୍ରୀଷ୍ମପ୍ରବାହ ପରିସ୍ଥିତିରେ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମପ୍ରବାହ ସମୟରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ସହିତ ପାନୀୟ ଜଳ ଯୋଗାଣ ପାଇଁ ୱାଟ୍‌କୋର ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ବୈଠକରେ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଯୋଡ଼ା ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଏମ୍‌ପିଙ୍କ ପ୍ରତିନିଧି ଚିତ୍ତରଞ୍ଜନ ଦାସ, ବିଭିନ୍ନ ୱାର୍ଡର କାଉନ୍‌ସିଲରଙ୍କ ସମେତ ବିଭିନ୍ନ କମ୍ପାନୀର


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅଧିକାରୀମାନେ ଉପସ୍ଥିତ ଥିଲେ।

ଯୋଡ଼ା ପୌରାଞ୍ଚଳରେ ଚଳିତ ଗ୍ରୀଷ୍ମଋତୁରେ ପାନୀୟ ଜଳ ସଙ୍କଟ ଗୁରୁତର ରୂପ ଧାରଣ କରିବାର ଆଶଙ୍କା ସୃଷ୍ଟି ହୋଇଛି। ବିଶେଷଭାବେ ଯୋଡ଼ା ପୌରାଞ୍ଚଳ ଅନ୍ତର୍ଗତ ୧୪ଟି ୱାର୍ଡରେ ପାନୀୟ ଜଳ ସମସ୍ୟା ଥିବା ସମସ୍ତ ସାହି ଓ ବସ୍ତିରେ ପୂର୍ବରୁ ଚିହ୍ନଟ କରି ସେଠାରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା, ଅଚଳ ନଳକୂପ ମରାମତି ଓ ଆବଶ୍ୟକତା ଅନୁସାରେ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବା ସମ୍ପର୍କୀତ ଆଲୋଚନା ହୋଇଥିଲା। ଯୋଡ଼ା ପୌରପାଳିକା ପକ୍ଷରୁ ବିଭିନ୍ନ ଛକ ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲିବା ଲାଗି ନିଷ୍ପତ୍ତି ହୋଇଛି। ଏଥିସହିତ ୱାଟ୍‌କୋକୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଖଣି ଅଞ୍ଚଳର ଶିଳ୍ପସଂସ୍ଥା ତଥା କର୍ପୋରେଟ ହାଉସ କର୍ମକର୍ତ୍ତାଙ୍କୁ ପାରିପାର୍ଶ୍ୱିକ ୱାର୍ଡଗୁଡ଼ିକରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରିବାକୁ ପରାମର୍ଶ ଦିଆଯାଇଛି। ଅଂଶୁଘାତ ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ଅଂଶୁଘାତ ସମ୍ବନ୍ଧୀୟ ସଚେତନତା କରାଯିବା ସହିତ ଏକ କଣ୍ଟ୍ରୋଲ ରୁମ ଖୋଲାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ କହିଛନ୍ତି।

# ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ଗାଁଠୁ ସହର


ଯୋଡ଼ା: ଶୋଭାଯାତ୍ରାରେ ଯୋଗଦେଇଥିବା ମହିଳାମାନେ।


ଚମ୍ପୁଆ: ଶୋଭାଯାତ୍ରାରେ ଯୋଗଦେଇଥିବା ଭକ୍ତ।

ବଡଲା, ୨୭।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ୍ ଓ ସହରରେ ରାମ ନବମୀ ପାଳିତ ହୋଇଛି। ଏହି ଅବସରରେ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ଶୋଭାଯାତ୍ରା ହୋଇଥିବା ବେଳେ ଜୟ ଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା। ହାଟଡ଼ିହୀ ବ୍ଲକ୍‌ର ସୋସୋ ଗ୍ରାମର ବିଶ୍ୱ ହିନ୍ଦୁ ପରିଷଦ ଓ ଗ୍ରାମବାସୀଙ୍କ ସହଯୋଗରେ ସାଳନ୍ଦୀ ନଦୀରୁ କଳସ ଅଣାଯାଇ ଶୋଭାଯାତ୍ରା ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇ ଶ୍ରୀରାମ ମନ୍ଦିର ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଗ୍ରାମର ବରିଷ୍ଠ ବ୍ୟକ୍ତିଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଓରାଳି ରାମ ମନ୍ଦିର, ବଞ୍ଚୋ, ସଡ଼ା, ଜମ୍ବିରା ଆଦି ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି।

### ୧୬ ଆଖଡ଼ା ଦଳର ମହାବୀର ଝଣ୍ଡା ଶୋଭାଯାତ୍ରା

**ବଡ଼ବିଲ, (ଜୟନ୍ତୀ ରଣା):** କେନ୍ଦୁଝର ଜିଲା ବଡ଼ବିଲରେ ଶ୍ରୀରାମ ନବମୀ ଅବସରରେ ଶୁକ୍ରବାର ୧୬ଟି ଆଖଡ଼ା ଦଳ ମହାବୀର ଝଣ୍ଡା ନେଇ ବିଶାଳ ଶୋଭାଯାତ୍ରାର ସହର ପରିକ୍ରମା କରିଛି। ବଡ଼ବିଲ ବଜାରସ୍ଥିତ ହନୁମାନ ମନ୍ଦିରରୁ ଶୋଭାଯାତ୍ରା ବାହାରି ମହାନ୍ତ ବସ୍ତି, ଭୋଲାଗ୍ୟାରେଜ, ବାଟା ଛକ, ଅଟଳ ଛକ, ଡାକବଙ୍ଗଳା ଛକ, ମଧୁସୂଦନ ଛକ ଓ ଶିବ ଛକ ଦେଇ ବିକାଶ ମହଲ ପଡ଼ିଆରେ ପହଞ୍ଚିଥିଲା। ସ୍ଥାନେ ସ୍ଥାନେ ଶୋଭାଯାତ୍ରାକୁ ବିଭିନ୍ନ ସମ୍ପ୍ରଦାୟ ଓ ସଂଗଠନଗୁଡ଼ିକ ସ୍ୱାଗତ କରିବା ସହ ମୃଦୁ ପାନୀୟ, ଫଳ ବିତରଣ କରିଥିଲେ। ୧୮ ପ୍ଲାଟୁନ ପୋଲିସ ଫୋର୍ସ ସହ ୫ ଇନ୍ସପେକ୍ଟର, ୧୦ ସବ୍ ଇନ୍ସପେକ୍ଟରଙ୍କ ସହିତ କେନ୍ଦୁଝର ଅତିରିକ୍ତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ମହାପାତ୍ର, କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଉପସ୍ଥିତ ଥିଲେ ବୋଲି ବଡବିଲ ଥାନା ଇନ୍ସପେକ୍ଟର ଅଶୋକ ନାୟକ ସୂଚନା ଦେଇଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଶୋଭାଯାତ୍ରାର ସହର ପରିକ୍ରମା କରୁଥିଲା।

### ବାଲିସାହିରେ ଶ୍ରୀରାମ ନବମୀ ଉତ୍ସବ

**କେନ୍ଦୁଝର, (ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ବାଲିସାହିରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଜୟ ଶ୍ରୀରାମ, ଜୟ ହନୁମାନ ଶ୍ରୀମନ୍ଦିର ଟ୍ରଷ୍ଟ ପକ୍ଷରୁ ତୃତୀୟ ଜନ୍ମ ବାର୍ଷିକ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଆୟୋଜନ ହୋଇଛି।


ଢେଙ୍କିକୋଟରେ ପ୍ରତିମାଙ୍କ ପୂଜାର୍ଚ୍ଚନା।

### ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

**ଚମ୍ପୁଆ, (ମହେଶ୍ୱର ଦାସ):** ଚମ୍ପୁଆ ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ରାମନବମୀ ଉତ୍ସବ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଚମ୍ପୁଆ ସଦର ମହକୁମାର ଶ୍ରୀରାମ ମନ୍ଦିର, ଉପକାରାଗାରରେ ଥିବା ହନୁମାନ ମନ୍ଦିର, କୋଦଗାଡ଼ିଆ, ରଜିଆ ଆଦି ପଞ୍ଚାୟତରେ ଥିବା ହନୁମାନ ମନ୍ଦିରରେ ପବିତ୍ର ରାମନବମୀ ପାଳିତ ହୋଇଥିଲା। ଚମ୍ପୁଆ ମନ୍ଦିର କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ଦିନ ୧୧ଟା ସମୟରେ ସହରର ମୁଖ୍ୟ ସ୍ଥାନରେ ସ୍ୱଉଚ୍ଚ ଶ୍ରୀରାମ ପତାକା ସ୍ଥାପନ ପରେ ଶ୍ରୀରାମ ଆଖଡ଼ା ଅପରାହ୍ଣରେ ବାହାରି ସହର ପରିକ୍ରମା କରିଥିଲା। ଜୟଶ୍ରୀରାମ ଧ୍ୱନୀରେ ପରିବେଶ ରାମମୟ ହୋଇ ଉଠିଥିଲା। ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଓ ଭକ୍ତଙ୍କ ସମାଗମ ହୋଇଥିଲା।

### ରାମନବମୀ ପୂଜା କମିଟି ଦ୍ୱାରା ରାମନବମୀ ମହୋତ୍ସବ

**ଢେଙ୍କିକୋଟ, (ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ବ୍ୟବସାୟିକ ପେଣ୍ଠସ୍ଥଳ ଢେଙ୍କିକୋଟ ରାମନବମୀ ପୂଜା କମିଟି ଦ୍ୱାରା ରାମନବମୀ ମହୋତ୍ସବ ଧୂମଧାମରେ ପାଳିତ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟା ୫୦ରେ ଢେଙ୍କିକୋଟ ଅଞ୍ଚଳର ସମୁହ ମହିଳାଙ୍କ ଦ୍ୱାରା ୧୦୮ କଳସ ହାଇସ୍କୁଲ ପୋଖରୀଠାରେ ଯଥାବିଧି ପୂଜା ପରେ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇ ପୂଜାପାଠ କରାଯାଇଥିଲା। ସଂକଳ୍ପଧାରୀ ସୁଦର୍ଶନ ସାହୁ, ଚକ୍ରଧର ରାଉଳ ସସ୍ତ୍ରିକ ସଂକଳ୍ପରେ ବସି ଢେଙ୍କିକୋଟ ଅଞ୍ଚଳର ଶୁଭ ମନାସିଛନ୍ତି। ପୂଜା କମିଟିର ସଭାପତି ରାଜକିଶୋର ସାହୁ, ସମ୍ପାଦକ ମକରଧଜ ମହୋତ୍ସବକୁ ସକ୍ରିୟ ସଦସ୍ୟ ଆଶିଷ ସାହୁ, ସୁଦର୍ଶନ ସାହୁ, କୃପାସିନ୍ଧୁ ଦଳେଇ, ଯୁଧିଷ୍ଠିର ନାୟକ, ଜଗବନ୍ଧୁ ଦାସ, ରାଜେଶ ଲାଖଟିଆ, ରାଜୁମହେଶ୍ୱରୀ, ରାଜେନ୍ଦ୍ର ସାହୁ ସହଯୋଗ କରିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟା, ସଦସ୍ୟ ସହଯୋଗ କରିଥିଲେ।

### ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମ ଝଣ୍ଡା ଯାତ୍ରା

**ପାଟଣା, (ବୀର କିଶୋର ଦାଶ):** ପାଟଣା ବ୍ଲକ ରାଜନଗରସ୍ଥିତ ପ୍ରାଚୀନ ଶ୍ରୀ ରଘୁନାଥ ଜିଉ ମଠରେ ଶୁକ୍ରବାର ଶ୍ରୀ ରାମ, ଲକ୍ଷ୍ମଣ ଓ ସୀତାଙ୍କ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଛି। ଶ୍ରୀ ବିଗ୍ରହଙ୍କୁ ମଣ୍ଡପକୁ ବିଜେ କରାଇ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ସାମିଲ ହୋଇ ଠାକୁରଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ବିଡ଼ିଓ ମାନସ ଦଣ୍ଡପାଟ ସ୍ଥାନୀୟ ଆରଆଇ ତଥା କୋଠ ତହସିଲଦାର ଶିବ ପ୍ରାସାଦ ମାହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

ସେହିଭଳି ପାଟଣା ବ୍ଲକ୍ ବିଶ୍ୱ ହିନ୍ଦୁ ପରିଷଦ ଓ ଆରଏସ୍‌ଏସ ପକ୍ଷରୁ ସାମ ଛକସ୍ଥିତ ହନୁମାନ ମନ୍ଦିରରେ ସତନ୍ତ୍ର ପୂଜା ପରେ ସନ୍ଧ୍ୟାରେ ରାମ ଝଣ୍ଡା ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଆନନ୍ଦେଶର ଶିବ ମନ୍ଦିରରେ ପହଞ୍ଚିଥିଲେ। ଏଥିରେ ପାଟଣା ବିଧାୟକଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ବ୍ଲକ୍ ସଭାପତି ସନାତନ ଦାଶ, ଆରଏସ୍‌ଏସ୍‌ର ବିରଞ୍ଚି ମହାନ୍ତ, ଉମ୍ବରୁଧର ମହାନ୍ତ, ରାମ ନବମୀ କମିଟିର ତାପସ ମିଶ୍ର, ଅଭିଷେକ ଦାଶ, ଭାଜପା ନେତା ପ୍ରକାଶ ସେଠୀ ପ୍ରମୁଖ ଶତାଧିକ ରାମ ଭକ୍ତ ସାମିଲ ହୋଇଥିଲେ। ଏହି ଅବସରରେ ଶ୍ରୀ ବଜରଙ୍ଗ ସେନା ପକ୍ଷରୁ ଗୋ ମାତାଙ୍କ ସୁରକ୍ଷା ପାଇଁ ଶୋଭାଯାତ୍ରା ତୁରୁମୁଙ୍ଗା ବଜାରରେ ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ ସେନାର କେନ୍ଦୁଝର ଜିଲା ସାଧାରଣ ସମ୍ପାଦକ କନ୍ଦର୍ପ ବେହେରାଙ୍କ ନେତୃତ୍ୱରେ ପାଟଣା ବିଧାୟକ, ଶ୍ରୀ ବଜରଙ୍ଗ ସେନା ରାଜ୍ୟ ସଭାପତି ତପନ ମହାନ୍ତି, ରାଜ୍ୟ ପ୍ରଭାରୀ ଓମ ଚନ୍ଦ୍ର ମୋହନ ନାଏକ, ଉପସଭାପତି ଚିତ୍ତରଞ୍ଜନ ଦାଶ ପ୍ରମୁଖ ସାମିଲ ହୋଇଥିଲେ।

### ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

**ଯୋଡ଼ା, (ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡ଼ା ସହର ଶ୍ରୀ ରାମ ନବମୀ ପାଇଁ ଉତ୍ସବ ମୁଖର ହୋଇଉଠିଛି। ଯୋଡ଼ା ବସ୍‌ଷ୍ଟାଣ୍ଡ, ଯୋଡା ମାର୍କେଟ ନିକଟ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ହନୁମାନ ମନ୍ଦିର କମିଟି ଓ ଅନେକ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବିରାଟ ପଟୁଆର ଯୋଡ଼ାର ହନୁମାନ ମନ୍ଦିରରୁ ବାହାରି ବିଭିନ୍ନ ମନ୍ଦିରରେ ଧ୍ୱଜା ଲଗାଇଥିଲେ। ଶୋଭାଯାତ୍ରାରେ ଚଳିତ ବର୍ଷ ପ୍ରାୟ ୨୦,୦୦୦ ହଜାର ଶ୍ରଦ୍ଧାଳୁ ସାମିଲ ହୋଇ ରେକର୍ଡ ସୃଷ୍ଟି କରିଥିବା ସାଧାରଣରେ ଆଲୋଚନା ହେଉଛି। ପ୍ରାୟ ୨୦ପ୍ଲାଟୁନ ପୋଲିସ ଫୋର୍ସ ସହିତ ୫୦ରୁ ଊର୍ଦ୍ଧ୍ୱପୋଲିସ ଅଧିକାରୀ ନିୟୋଜିତ ଅଛନ୍ତି। ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଯୋଡା ଥାନା ଅଧିକାରୀ ପ୍ରଶାନ୍ତ ସାମଲ ଉପସ୍ଥିତ ରହିଛନ୍ତି। ଖବର ଲେଖା ହେଲା ପର୍ଯ୍ୟନ୍ତ ଶୋଭାଯାତ୍ରା ଜାରି ରହିଥିଲା।

